RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୯୨ Issue- 92
ଭୁବନେଶ୍ୱର, ମଙ୍ଗଳବାର ୧୮ ଜୁନ୍ ୨୦୧୯
Bhubaneswar, Tuesday 18 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

### ୫ଶହ ଏଏସ୍‌ଓ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶା ପବ୍ଲିକ ସର୍ଭିସ କମିସନ( ଓପିଏସସି) ଦ୍ୱାରା ପରିଚାଳିତ ଏଏସ୍‌ଓ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୫୦୦ ସଫଳ ପ୍ରାର୍ଥୀଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ସଫଳ ପରୀକ୍ଷାର୍ଥୀ ମାନେ ରାଜ୍ୟ ସଚିବାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଭାବେ ନିଯୁକ୍ତି ପାଇବେ। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଜାନୁଆରୀ ୨୦ ତାରିଖରେ ରାଜ୍ୟ ସଚିବାଳୟରେ ଖାଲି ପଡ଼ିଥିବା ୫୦୦ଟି ଏଏସ୍‌ଓ ପଦ ପୂରଣ ଲାଗି ଓପିଏସସି ପକ୍ଷରୁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ନିଯୁକ୍ତି ଲାଗି ଓପିଏସସି ସୁପାରିଶ କରିଥିଲା। ଏମାନଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ସୋମବାର ଅନୁମୋଦନ କରିଛନ୍ତି।

## ପ୍ରାକ୍ ବଜେଟ୍ —
# ପ୍ରସ୍ତୁତି ବୈଠକ



ଭୁବନେଶ୍ୱର, ୧୭।୬ (ନି.ପ୍ର) : ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରାକ୍ ବଜେଟ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ଅତିଥି ଭବନ ଠାରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଛି।

ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଏକ ଲୋକାଭିମୁଖୀ ଓ ପ୍ରଗତିଶୀଳ ବଜେଟ୍ ପ୍ରସ୍ତୁତି ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥ ସଚିବ, ବିଶିଷ୍ଟ ଅର୍ଥନୀତିଜ୍ଞ,ଅର୍ଥନୈତିକ ଅନୁଷ୍ଠାନ, ରଜିର୍ଭ ବ୍ୟାଙ୍କ ଓ ନାବାର୍ଡ, କୃଷି, ଶିଳ୍ପ ଓ ବାଣିଜ୍ୟ, ଶ୍ରମିକ ସଂଗଠନର ପ୍ରତିନିଧିମାନେ ମିଳିତ ହୋଇ ମତବିନିମୟ କରିବା ସହିତ ନିଜ ନିଜର ପରାମର୍ଶ ଓ ପ୍ରସ୍ତାବ ରଖିଥିଲେ । ଉକ୍ତ ପ୍ରସ୍ତାବରେ ଚଳିତ ଆର୍ଥିକ ବର୍ଷର ବଜେଟ୍ ଆଉଟ୍ କମ୍ ଆଉଟ୍ ପୁଟ୍ ବଜେଟ୍ ବର୍ଷ ଭାବରେ ପାଳନ କରିବା ଦରକାର। ବଜେଟ୍ ର ପରିମାଣ ବୃଦ୍ଧି ସହ ଏହାର ଗୁଣାତ୍ମକ ଖର୍ଚ୍ଚ ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡିବ। ଏହା କରିବାକୁ ହେଲେ ଖାଲି ପଡିଥିବା ପଦବୀର ଗୁଡିକ ପୂରଣ ସହ ଆବଶ୍ୟକ ନିଯୁକ୍ତି ବ୍ୟବସ୍ଥା କରିବାକୁ ହେବ। କାଳିଆ ଯୋଜନାରେ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯାଉଛି। ଏହି ଅର୍ଥକୁ କୃଷି ଉତ୍ପାଦନ ସହ ଯୋଡାଯିବା ଦରକାର। ଉକ୍ତ ଯୋଜନାରେ କୃଷି ଉତ୍ପାଦିକା ବୃଦ୍ଧି , ବିହନ ବଦଳ , ଅର୍ଥକାରୀ ଫସଲ ବିବିଧତା , ଅତ୍ୟାଧୁନିକ ପ୍ରଣାଳୀରେ ଚାଷୀ ପାଇଁ ପ୍ରବର୍ତାଇବା ପାଇଁ ପଦକ୍ଷେପ ନିଆଯାଉ। ବଜେଟ୍‌ର ରୂପରେଖ ପ୍ରସ୍ତୁତି ପୂର୍ବରୁ ସମାଜର ସମସ୍ତ ବର୍ଗର ପ୍ରତିନିଧିମାନଙ୍କଠାରୁ ଚଳିତ ଜୁନ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଇମେଲ୍, ହ୍ୱାଟସ୍‌ଆପ୍ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମତାମତ ସଂଗ୍ରହ କରାଯାଇଥିଲା । ପ୍ରାୟ ୩ ହଜାର ଜନସାଧାରଣ, ନାଗରିକ ସମାଜ ଓ ଅନ୍ୟାନ୍ୟ ସମ୍ବନ୍ଧ ପକ୍ଷମାନଙ୍କଠାରୁ ମିଳିଥିବା ମତାମତ ସଂଗୃହୀତ ହୋଇଛି । ବଜେଟ୍ ପ୍ରସ୍ତୁତି ସମୟରେ ଉପରୋକ୍ତ ସମସ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏକ ଜନକଲ୍ୟାଣକାରୀ ବଜେଟ୍ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଶ୍ରୀ ପଂଚାନନ କାନୁନଗୋ, ପୂର୍ବତନ ପ୍ରଶାସକ ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ଶ୍ରୀ ରବିନାରାୟଣ ସେନାପତି, ଶ୍ରୀ କେ.ସି ବତ୍ସ, ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ସୌରୀବନ୍ଧୁ କର, ଅର୍ଥନୀତିଜ୍ଞ ନଟବର ଖୁଂଟିଆ, ପ୍ରଫେସର ଏସ୍. ଏସ୍ ରଥ, ଏନ୍‌ସିଡିଏସ୍‌ର ଶ୍ରୀଜିତ ମିଶ୍ର, ୟୁନିସେଫ୍‌ର ଶ୍ରୀ ସୌମେନ୍ ରାୟ, ସିଓ୍ୱାଇଏସ୍‌ଡିର ଶ୍ରୀ ବସନ୍ତ କୁମାର ନାୟକ, ୟୁସିସିଆ ଇର କିଶୋର ମହାନ୍ତି, ରିଜର୍ଭ ବ୍ୟାଙ୍କର ଡିଜିଏମ୍ ଶ୍ରୀ ଡି. ପାତ୍ର, ନାବାର୍ଡ଼ର ସିଜିଏମ୍ ଶ୍ରୀ ଏ. ଚନ୍ଦ୍ରଶେଖର, ଅର୍ଥନୀତି ସାମ୍ବାଦିକ ଦିଲ୍ଲୀପ ବିଶୋଇ, କୃଷକ ସଂଗଠକ ଶ୍ରୀ ସୀମାଂଚଳ ନାହାକ, ଶ୍ରୀ କେଶବ ଚନ୍ଦ୍ର ପାତ୍ର, ବ୍ୟବସାୟୀ ମହାସଂଘର ଶ୍ରୀ ସୁଧାକର ପଣ୍ଡା ଓ ଶ୍ରୀ ଶକ୍ତିଶଙ୍କର ମିଶ୍ର ପ୍ରମୁଖ ସ୍ୱକୀୟ ମତାମତ ପ୍ରଦାନ କରିଥିଲେ । ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅର୍ଥ ବିଭାଗର ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଆସନ୍ତା ୨୮ ତାରିଖରେ ବିଧାନସଭାରେ ବଜେଟ୍ ଉପସ୍ଥାପନ ହେବ।

# ମହାପ୍ରଭୁଙ୍କ ସ୍ନାନ ଯାତ୍ରା
## ଗଜାନନ ବେଶ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ପୁରୀ, ୧୭।୬ (ନି.ପ୍ର) : ଆଜି ରଥଯାତ୍ରାର ଆଦ୍ୟ ପର୍ବ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ଯାତ୍ରା । ଏହି ଅବସରରେ ଚତୁର୍ଦ୍ଧାମୂର୍ତ୍ତି, ପୁରୀ ବଡ ଦେଉଳ ଆନନ୍ଦବଜାରସ୍ଥିତ ସ୍ନାନ ମଣ୍ଡପରେ ଗଜାନନ ବେଶରେ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି । ଶ୍ରୀମନ୍ଦିରରୁ ମହାପ୍ରଭୁ ଆଜି ପହଣ୍ଡିରେ ବିଜେ କରିଥିଲେ ସ୍ନାନ ବେଦୀକୁ । ସ୍ନାନ ବେଦୀରେ ଭକ୍ତଙ୍କ ଭିଡ ଭିତରେ ମହାପ୍ରଭୁ ଶ୍ରୀମନ୍ଦିର ପରିସରର ସୁନା କୁଅରୁ ଶହେ ଆଠ ଗରା ସୁବାସିତ ଜଳରେ ସ୍ନାନ କରିଥିଲେ । ଏହି ଉପଲକ୍ଷେ ଆଜି ମଙ୍ଗଳାର୍ପଣ ନୀତି ପରେ ଭୋଗ ଲାଗି, ପୁଷ୍ପାଞ୍ଜଳି, ପହଣ୍ଡି, ମଙ୍ଗଳା ଆଳତୀ, ମଇଲମ ନୀତି, ତଡପ ଲାଗି, ଅଧର ପୋଛା, ଅବକାଶ ନୀତି, ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଜଳ ବିଜେ, ପୂଜା ଓ ସ୍ନାନ ନୀତି, ମଇଲମ, ମେକାପ, ସର୍ବାଙ୍ଗ, ନୂଆ ଲୁଗା ଲାଗି, ଛେରା ପହଁରା, ମହନ୍ତ ଶାଢ଼ୀ ବନ୍ଧା ନୀତି, ସାହାଣ ମେଲା, ବାହୁଡା ପହଣ୍ଡି, ସୁନା ଚିତା, ରାହୁ ରେଖା ପ୍ରଭୃତି ପୂଜା ନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା ।

ପ୍ରକାଶ ଯୋଗ୍ୟ ଯେ, ମାନବୀୟ ଲୀଳାଧାରୀ ପ୍ରଭୁ ମହାସ୍ନାନ ପରେ ଜ୍ୱରରେ ପୀଡିତ ହୁଅନ୍ତି । ପନ୍ଦର ଦିନ ଆଉ ଦର୍ଶନ ଦିଅନ୍ତି ନାହିଁ । ଅଣସର ଘରେ ରୁହନ୍ତି । ପରମ୍ପରା ଅନୁଯାୟୀ ସ୍ନାନ ଯାତ୍ରା ପରେ ମହାପ୍ରଭୁ ଅଣସର ଘରେ ରହିବା ଯାଏ ଭକ୍ତଗଣ ଶ୍ରୀ ଅଲାରନାଥଙ୍କ ଦର୍ଶନ କରି ପୂଣ୍ୟଲାଭ କରିଥାନ୍ତି । ଅଣସର ଦର୍ଶନ ପାଇଁ ଶ୍ରୀ ଅଲାରନାଥଙ୍କ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି । ସ୍ନାନଯାତ୍ରା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି । ଗତକାଲିଠାରୁ ପୁରୀରେ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଏଥିପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଲମ୍ବା ଧାଡିରେ ଦର୍ଶନ ପାଇଁ ଭକ୍ତମାନେ ବାଇଶି ପାହାଚ ଦେଇ ସ୍ନାନ ମଣ୍ଡପ ସମ୍ମୁଖକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ ।



### ଓଡିଶାରେ ଖୋଲିବ ୩ ସାଇବର ଥାନା

**ଭୁବନେଶ୍ୱର, ୧୭।୬ (ନି.ପ୍ର) :** ଓଡିଶାରେ ସାଇବର କ୍ରାଇମ୍ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ସାଇବର ଥାନା କରିବାର ଆବଶ୍ୟକତା ରହିଛି। ଭୁବନେଶ୍ୱର , ବାଲେଶ୍ୱର ଓ ଜୟପୁର ଠାରେ ୩ ଟି ସାଇବର ଥାନା ଖୋଲାଯିବ ବୋଲି ପୋଲିସ୍ ମହାନିର୍ଦ୍ଦେଶକ ଡା. ଆର ପି ଶର୍ମା ପ୍ରକାଶ କରିଛନ୍ତି। ସୋମବାର ଦିନ ଭୁବନେଶ୍ୱର ଠାରେ ସାଇବର ତାଲିମ୍ କର୍ମଶାଳାକୁ ଉଦଘାଟନ କରି ପୋଲିସ୍ ଡିଜି ଏହା ପ୍ରକାଶ କରିଛନ୍ତି। ୨୦୧୩ରେ ୧୨୦ଟି ମାମଲା ରୁଜୁ ହୋଇଥିବାବେଳେ ୨୦୧୮ରେ ୮୬୮କୁ ବୃଦ୍ଧି ପାଇଥିଲା। ମାମଲା ଯେଉଁ ଅନୁପାତରେ ବୃଦ୍ଧି ପାଉଛି ସେହି ଅନୁପାତରେ ଥାନା ନାହିଁ । ଏ ସବୁର ମୁକାବିଲା ପାଇଁ ଅଧିକ ସାଇବର ଥାନା ଓ ଅଧିକାରୀ ଆବଶ୍ୟକ। ସେଥିପାଇଁ ଭୁବନେଶ୍ୱର, ବାଲେଶ୍ୱର ଓ ଜୟପୁରରେ ସାଇବର ଥାନା ପ୍ରତିଷ୍ଠା କରାଯିବ ବୋଲି ଡିଜିପି କହିଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ସାଇବର ତଦନ୍ତ ଅଧିକାରୀ ତାଲିମ କାର୍ଯ୍ୟକ୍ରମ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଏଥିରେ କଟକ- ଭୁବନେଶ୍ୱର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ସମେତ ବହୁ ପୋଲିସ୍ ଅଧିକାରୀ ଯୋଗ ଦେଇଛନ୍ତି ।

### ବିନା ହେଲମେଟ୍‌ରେ ଖଣ୍ଡଗିରି- ରସୁଲଗଡ ଫ୍ଲାଏ ଓଭରରେ ବାଇକ୍ ଚଳାଇବା ମନା

ଭୁବନେଶ୍ୱର, ୧୭।୬ (ନି.ପ୍ର) : ଖଣ୍ଡଗିରି ଓ ରସୁଲଗଡ଼ ମଧ୍ୟରେ ଥିବା ଫ୍ଲାଏ ଓଭରରେ କ୍ରମାଗତଭାବେ ବାଇକ୍ ଦୁର୍ଘଟଣା ଘଟୁଥିବାରୁ ଏହାକୁ ରୋକିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ଆସନ୍ତାକାଲି ଠାରୁ ବିନା ହେଲମେଟ୍ ରେ ବାଇକ୍ ଚାଳକଙ୍କୁ ଖଣ୍ଡଗିରିରୁ ରସୁଲଗଡ ଫ୍ଲାଏ ଓଭର ଉପରେ ଯାତାୟତକୁ ବାରଣ କରାଯିବ। ଏହାକୁ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ବି.ଏସ. ପୁନିଆ ଜଣାଇଛନ୍ତି । ସେ କହିଛନ୍ତି ଯେ, ଏହି କଟକଣା ଏକମାସ ପାଇଁ ବଳବତର ରହିବ ।

## ବରିଷ୍ଠ ଅଧିକାରୀମାନେ ଜିଲ୍ଲା ଗସ୍ତ କରି
# କୃଷି କାର୍ଯ୍ୟର ତଦାରଖ କରିବେ : କୃଷି ମନ୍ତ୍ରୀ

ଭୁବନେଶ୍ୱର,୧୭।୬ (ନି.ପ୍ର) : ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯୋଜନା ଗୁଡ଼ିକର ସଫଳ ରୂପାୟନ କୃଷି ଓ କୃଷକ ମାନଙ୍କର ଉନ୍ନତି ଆଣିବ ଏଥିରେ ଦ୍ୱିମତ ନାହିଁ। ଏହି ଉଦ୍ଦେଶ୍ୟରେ କୃଷି ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ତା ୧୭.୦୬.୨୦୧୯ ଦିନ ରାଜ୍ୟ କୃଷି ଭବନରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ବିଭାଗର ୧୦ ଜଣ ବରିଷ୍ଠ ଅଧିକାରୀଙ୍କୁ ଜୁନ୍ ମାସଠାରୁ ଆରମ୍ଭ କରି ପ୍ରତ୍ୟେକ ଅଧିକାରୀଙ୍କୁ ତିନିଗୋଟି ଜିଲ୍ଲା ଗସ୍ତ କରି ଯୋଜନାର କାର୍ଯ୍ୟାନ୍ୱୟନ ତଦାରଖ କରିବାକୁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନେ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ରାଜ୍ୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର କ୍ଷେତ୍ର ସ୍ତରରେ ଠିକ୍ କାର୍ଯ୍ୟ କରୁଛି କି ନାହିଁ ତଦାରଖ କରିବା ସଙ୍ଗେ ସଙ୍ଗେ, କାର୍ଯ୍ୟାନ୍ୱୟନରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ



କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ସେଥିରେ ସୁଧାର ଆଣିବା ପାଇଁ ପ୍ରଯତ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତର ତୁରନ୍ତ ପରେ ସଂପୃକ୍ତ ଜିଲ୍ଲା ବିଷୟରେ ବିବରଣୀ ପ୍ରମୁଖ ଶାସନ ସଚିବଙ୍କୁ ପ୍ରଦାନ କରିବା ପାଇଁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶାଳୟ ଗୁଡ଼ିକ ମଧ୍ୟ ସେମାନଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ଜିଲ୍ଲା ଗସ୍ତ କରିବା ସହ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ତଦାରଖ କରିବା ପାଇଁ ମନ୍ତ୍ରୀ ମହୋଦୟ ପରାମର୍ଶ ଦେଇଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଏବଂ ମୃତ୍ତିକା ସଂରକ୍ଷଣ ତଥା ଜଳଛାୟା ନିର୍ଦ୍ଦେଶକ, ନିଜ ନିର୍ଦ୍ଦେଶାଳୟ ଅଧିନରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସମ୍ବନ୍ଧରେ ଅବଗତ କରାଇଥିଲେ।

# ଶପଥ ନେଲେ ସାଂସଦ

ନୂଆଦିଲ୍ଲୀ,୧୭।୬ (ପିଆଇବି) : ସୋମବାର ଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇଛି । ଅଧିବେଶନର ପ୍ରଥମ ଦିନରେ ନବ ନିର୍ବାଚିତ ସାଂସଦମାନେଶପଥ ଗ୍ରହଣ କରିଛନ୍ତି। ପ୍ରଥମ ସାଂସଦ ଭାବେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିଥିଲେ । ଓଡିଶାରୁ ନିର୍ବାଚିତ ହୋଇଥିବା ୧୬ ଜଣ ସାଂସଦ ପ୍ରଥମ ଦିନରେ ଶପଥ ଗ୍ରହଣ କରିଥିବା ବେଳେ ଆସନ୍ତାକାଲି ଆଉ ୫ ଜଣ ସାଂସଦ ଶପଥ ନେବେ। ନବ ନିର୍ବାଚିତ ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସଂସ୍କୃତ ଭାଷାରେ ଶପଥ ପାଠ କରିଥିବା ବେଳେ କୋରାପୁଟର ଏକମାତ୍ର କଂଗ୍ରେସ ସାଂସଦ ଇଂରାଜୀରେ ଏବଂ କେନ୍ଦୁଝରର ସାଂସଦ ଚନ୍ଦ୍ରାଣୀ ମୁର୍ମୁ ସାନ୍ତାଳୀ ଭାଷାରେ ଶପଥ ପାଠ କରିଥିଲେ। ଅନ୍ୟ ସମସ୍ତ ୧୩ ଜଣ ସାଂସଦ ଓଡିଆ ଭାଷାରେ ଶପଥ ଗ୍ରହଣ କରିଥିଲେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ , ଆସ୍କା ସାଂସଦ ପ୍ରମିଳା ବିଷୋୟୀ , କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଶପଥ ଗ୍ରହଣ କରିଥିଲେ । ଗୃହର ଅସ୍ଥାୟୀ ବାଚସ୍ପତି ବୀରେନ୍ଦ୍ର କୁମାର ନବ ନିର୍ବାଚିତ ସାଂସଦମାନଙ୍କୁ ଶପଥ ଗ୍ରହଣ କରାଇଥିଲେ । ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିଥିଲେ। ତାଙ୍କ ପରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ୍ ଶାହା , ନୀତିନ ଗଡକରୀ , ଗିରିରାଜ ସିଂହ, ସ୍ମୃତି ଇରାନୀ , ହରସିମରତ୍ କୌର ପ୍ରମୁଖ ଶପଥ ପାଠ କରିଥିଲେ। ସୂଚନାଯୋଗ୍ୟ ଜୁନ ୧୯ରେ ଲୋକସଭାରେ ସ୍ଥାୟୀ ବାଚସ୍ପତି ପାଇଁ ନିର୍ବାଚନ ହେବ । ସଂସଦର ଏହି ଅଧିବେଶନରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ । ସେହିଭଳି ତ୍ରିପଲ ତଲାକ ଭଳି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ହେବାର ଆଶା କରାଯାଉଛି।

# ଭଦ୍ରକ କଂଗ୍ରେସର ନିର୍ବାଚନୀ ସମୀକ୍ଷା

ଭଦ୍ରକ, ୧୭।୬ (ନି.ପ୍ର) : ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଫଳାଫଳ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଟାଉନ କଂଗ୍ରେସ ସଭାପତି ଅବ୍‌ଦୁଲ ମୋକିତ୍ ଖାଁ ସଭାପତିତ୍ୱ କରିଥିଲେ । ଭଦ୍ରକ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ତଥା ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ପ୍ରଦେଶ କଂଗ୍ରେସ ସମ୍ପାଦକ ଗୋଲାମ ମଇଉଦ୍ଦିନ, ଜିଲ୍ଲା କଂଗ୍ରେସ ଉପସଭାପତି ଅତୁଲ୍ୟ ନାୟକ, ଦିଲିପ ନାୟକ, ଅସ୍‌ରଫ୍ ଅଲ୍ଲୀ ଖାଁ, ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ସାମଲ, ସଂଖ୍ୟାଲଘୁ ସେଲ ଜିଲ୍ଲା ସଭାପତି ସେକ୍ ସମ୍‌ଦାନୀ, ଜିଲ୍ଲା ସାଧାରଣ ସମ୍ପାଦକ ପୀତବାସ ଧଳ, ଜିଲ୍ଲା କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ପ୍ରଦୀପ ନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ (ଚିଲିକା) ଉପସ୍ଥିତ ରହି ନିର୍ବାଚନ ସମୀକ୍ଷା ଆଲୋଚନାରେ ଭାଗ ନେଇଥିଲେ । ଭଦ୍ରକ ପୌରପାଳିକାର ସମସ୍ତ ପ୍ରାକ୍ତନ କାଉନସିଲର, ୱାର୍ଡ ନେତୃମଣ୍ଡଳୀ, ଭଦ୍ରକ ବ୍ଲକର କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ପୂର୍ବତନ ସରପଞ୍ଚ, ପୂର୍ବତନ ସମିତି ସଭ୍ୟ, ସମସ୍ତ ପଞ୍ଚାୟତ ସଭାପତି ତଥା ଆଗୁଆ କର୍ମୀମାନେ ଉପସ୍ଥିତ ରହି ନିର୍ବାଚନ ପରାଜୟର ବିଭିନ୍ନ କାରଣ ବାବଦରେ ସେମାନଙ୍କର ମତାମତ ଉପସ୍ଥାପନ କରିବା ସହିତ ଆଗାମୀ ଦିନରେ ଭଦ୍ରକ ନିର୍ବାଚନ ମଣ୍ଡଳୀରେ କପିରି କଂଗ୍ରେସ ସଂଗଠନକୁ ମଜବୁତ୍ କରାଯିବ ସେ ବାବଦରେ ମତପୋଷଣ କରିଥିଲେ । ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀମାନଙ୍କୁ ରଜ ମହୋତ୍ସବ ଉପଲକ୍ଷେ ଶୁଭେଚ୍ଛା ପ୍ରଦାନ କରିବା ସହିତ ଗତ ନିର୍ବାଚନରେ ଯେଉଁ ନେତୃମଣ୍ଡଳୀ ତଥା ଦଳୀୟ କର୍ମୀମାନେ ନିଃସ୍ୱାର୍ଥପର ଭାବେ ଅକ୍ଳାନ୍ତ ପରିଶ୍ରମ କରି କଂଗ୍ରେସ ଦଳର ଦୁର୍ଦ୍ଦିନ ସମୟରେ ତାଙ୍କୁ ସାଥ୍ ଦେଇଛନ୍ତି ସେମାନଙ୍କୁ ଆବେଗଭରା କୃତଜ୍ଞତା ପ୍ରଦାନ କରିଥିଲେ । ଯେଉଁମାନେ ବିଭିନ୍ନ ବାଧ ବାଧକତା ହେତୁ ଓ ଭିନ୍ନ ପରିସ୍ଥିତିରେ ତାଙ୍କୁ ସହଯୋଗ କରି ନାହାନ୍ତି ସେମାନଙ୍କ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଖୁବ୍ କମ୍ ସମୟ ଭିତରେ ସେ କଂଗ୍ରେସ ଦଳର ଟିକେଟ ପାଇ ୨୨ ହଜାର ୬୦୦ ଭୋଟ ପାଇଥିବାରୁ ଭଦ୍ରକ ଜନସାଧାରଣଙ୍କୁ ନିଜର କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାରେ ୫ ଗୋଟି ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀମାନଙ୍କୁ ସାଧାରଣ ଜନତା ସାହାଯ୍ୟ ଓ ସମର୍ଥନ ଦେଇଥିବାରୁ ଜିଲ୍ଲାବାସୀଙ୍କୁ ମଧ୍ୟ ସେ ଧନ୍ୟବାଦ ଓ କୃତଜ୍ଞତା ପ୍ରଦାନ କରିଥିଲେ । ସେ ପରାଜୟ ବରଣ କରିଥିଲେ ବି ମଧ୍ୟ ହତୋତ୍ସାହିତ ନ ହୋଇ ଭଦ୍ରକ ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହିତ ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରି ଭଦ୍ରକ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖି ଜନତାଙ୍କ ଆସ୍ଥାଭାଜନ ହେବେ ବୋଲି ମତ ପ୍ରକାଶ କରିଥିଲେ । ଉପସ୍ଥିତ କର୍ମୀମାନଙ୍କ ମତାମତକୁ ସମ୍ମାନ ଦେଇ ଖୁବ୍ ଶୀଘ୍ର ଭଦ୍ରକ ନଗର ଓ ବ୍ଲକ ପାଇଁ ତାଙ୍କ ନେତୃତ୍ୱରେ ୨ ଗୋଟି ପରାମର୍ଶଦାତା କମିଟି ଗଠନ କରି ଉକ୍ତ କମିଟି ନିଷ୍ପତି ଅନୁଯାୟୀ ଯଥାଶୀଘ୍ର ସାଂଗଠନିକ କାର୍ଯ୍ୟକ୍ରମ ହାତକୁ ନେବାକୁ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା ।

## ସାମ୍ବାଦିକ ଓ ଏଜେଣ୍ଟ ଆବଶ୍ୟକ

ଭୁବନେଶ୍ୱର ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକସ୍ତରୀୟ ସମ୍ବାଦ, ବିଜ୍ଞାପନ ଓ ପ୍ରଚାର ପ୍ରସାର ପାଇଁ ସାମ୍ବାଦିକ ଆବଶ୍ୟକ। ଏଥିସହ ଆକାଉଣ୍ଟାଣ୍ଟ ମଧ୍ୟ ଆବଶ୍ୟକ। ଆକାଉଣ୍ଟାଣ୍ଟ ପଦବୀ ପାଇଁ ଆବେଦନକାରୀଙ୍କ ଦୁଇ ବର୍ଷର ଅଭିଜ୍ଞତା ଥିବା ଦରକାର। ସାମ୍ବାଦିକତା ପ୍ରତି ଆଗ୍ରହୀ ବ୍ୟକ୍ତିବିଶେଷ ନିଜ ନିଜର ବାୟୋ-ଡାଟା ସହିତ ସାତ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

**ଯୋଗାଯୋଗ ଠିକଣା**

‘ମନ୍ଥନ’
ଏ-୧୭/୮, ସୂର୍ଯ୍ୟନଗର, ଭୁବନେଶ୍ୱର
ଫୋନ୍:୯୭୭୮୦୭୧୧୦୪
ଇମେଲ୍: odishamanthan@gmail.com



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

## ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ

ଇଂରାଜୀ ମାଧ୍ୟମ ତୁଳନାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାରେ ପାସ୍ ହାର ଯଥେଷ୍ଟ କମ୍ ରହୁଛି । ଏହାର କାରଣ ହେଲା ଆମ ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି । କିଛି ଦିନ ତଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଚଳିତ ବର୍ଷ ୭୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ହାର ପ୍ରାୟ ୫ ପ୍ରତିଶତ କମ୍ ହୋଇଛି । ସେହିପରି ନିକଟରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ମଧ୍ୟ ହରାହାରି ୭୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ ହେଁ ଗତ ବର୍ଷ ତୁଳନାରେ ପାସ୍ ହାର ପ୍ରାୟ ୪ ପ୍ରତିଶତ କମିଛି । ଉଭୟ ମାଟ୍ରିକ୍ ଓ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଫଳତା ହାର ଅଧିକ ରହିଛି । ମାଟ୍ରିକ୍ ହେଉ ବା ଯୁକ୍ତ ଦୁଇ ପରୀକ୍ଷା ହେଉ, ଏଥିରେ ପାସ୍ ହାର କେତେ କମିଲା, ବଢ଼ିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ ହେଲା ପରୀକ୍ଷାରେ ପ୍ରାୟ ୩୦ ପ୍ରତିଶତ ଛାତ୍ର ଛାତ୍ରୀ ଫେଲ୍ ହେବା । ସିବିଏସଇ ଏବଂ ଆଇସିଏସଇ ଭଳି କେନ୍ଦ୍ରୀୟ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସବୁ ବେଳେ ୮୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି । ଅନେକ ସମୟରେ ଏହା ୯୦ ପ୍ରତିଶତରୁ ବି ଅଧିକ ହେଉଛି । କିନ୍ତୁ ଓଡ଼ିଶା ସରକାରଙ୍କ ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷାରେ ସଫଳତା ହାର ସବୁ ବେଳେ ତୁଳନାତ୍ମକ ଭାବେ କମ୍ ରହୁଛି । ଏହା ନିଶ୍ଚିତ ଭାବେ ତର୍ଜମାର ବିଷୟ । ଏଥିପାଇଁ କିଏ ଦାୟୀ ? ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଦୋଷ ଦେବାର ଯଥାର୍ଥତା ନାହିଁ । ସେମାନଙ୍କ ଅଭିଭାବକ ବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ଆଂଶିକ ଭାବେ ଦାୟୀ ହୋଇପାରନ୍ତି । କିନ୍ତୁ ସେମାନଙ୍କ ଉପରେ ବି ସମ୍ପୂର୍ଣ୍ଣ ଦୋଷ ଦିଆଯାଇ ପାରିବ ନାହିଁ । ଏଥିପାଇଁ ଆମ ଶିକ୍ଷାଦାନ ଏବଂ ପରୀକ୍ଷା ପରିଚାଳନା ବ୍ୟବସ୍ଥା ହିଁ ଦାୟୀ । ଯେଉଁମାନେ ପରୀକ୍ଷାରେ ୨୫ ପ୍ରତିଶତରୁ କମ୍ ନମ୍ବର ରଖୁଛନ୍ତି, ସେମାନେ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ଉପଯୁକ୍ତ ନଥିଲେ । ସେମାନଙ୍କୁ ସେ ପର୍ଯ୍ୟନ୍ତ ଆସିବାକୁ କିଏ ସୁଯୋଗ ଦେଲା ? ବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ପରୀକ୍ଷା ପୂର୍ବରୁ ସ୍କୁଲ ସ୍ତରରେ ଏକ ଟେଷ୍ଟ ପରୀକ୍ଷା ହୋଇଥାଏ । ଏଥିରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ମାନ ନିର୍ଦ୍ଧାରଣ କରାଯାଇ ତାଙ୍କୁ ଫାଇନାଲ୍ ପରୀକ୍ଷା ଦେବାକୁ ସୁଯୋଗ ମିଳେ । ପୂର୍ବରୁ ଏହି ପରୀକ୍ଷା ସ୍କୁଲ ସ୍ତରରେ କଡ଼ାକଡ଼ି ହେଉଥିଲା । କିନ୍ତୁ ଏବେ ଏଥିରେ କୋହଳ ନୀତି ଅବଲମ୍ବନ କରାଯାଉଥିବା ଅନୁଭବ କରାଯାଉଛି । ସମ୍ଭବତଃ ମୂଳରୁ ଆମର ଶିକ୍ଷାଦାନ ବ୍ୟବସ୍ଥା ବା ଶ୍ରେଣୀ ପରୀକ୍ଷାରେ କିଛି ମୌଳିକ ତ୍ରୁଟି ରହୁଛି । ପାସ୍ ହାର ବଢ଼ାଇବାକୁ ପରୀକ୍ଷାରେ କୋହଳ ନୀତି ଅବଲମ୍ବନ କରିବା, ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦେବା ଅଥବା ପ୍ରଶ୍ନପତ୍ରକୁ ଆହୁରି ସହଜ, ସରଳ କରିବାର କିଛି ମାନେ ନାହିଁ । ବରଂ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଆହୁରି କଠୋର କରାଯିବା ଉଚିତ । ଜଣେ ପିଲା ଭଲଭାବେ ପାଠ ପଢ଼ିଲେ ବା ବିଷୟ ବସ୍ତୁକୁ ଭଲଭାବେ ବୁଝିପାରିଲେ ସେ ପାସ୍ କରିବାକୁ ଯୋଗ୍ୟ । ଏଥିପାଇଁ ପ୍ରତ୍ୟେକ ପିଲାକୁ ପ୍ରସ୍ତୁତ କରିବାକୁ ପଡ଼ିବ । ଯଦି ସଚେତନ ଏବଂ ଶିକ୍ଷିତ ପରିବାରର ପିଲାମାନେ ପୂର୍ବପରି ସରକାରୀ ଶିକ୍ଷାନୁଷ୍ଠାନକୁ ପାଠ ପଢ଼ିବାକୁ ଯାଆନ୍ତେ ତେବେ ପରିସ୍ଥିତିରେ ନିଶ୍ଚିତ ଭାବେ ଉନ୍ନତି ଆସନ୍ତା । ଯେଉଁମାନେ ଇଂରାଜୀ ମାଧ୍ୟମ ସ୍କୁଲ୍ ବିରୋଧରେ ବର୍ଷୁଛନ୍ତି, ସେମାନେ ନିଜ ପିଲାଙ୍କୁ ଆଗ ସରକାରୀ ସ୍କୁଲକୁ ପଠାଇ ନିଆରା ଆଦର୍ଶ ପ୍ରତିଷ୍ଠା କରିବା ଉଚିତ । ଆଉ ଘରୋଇ ଶିକ୍ଷାନୁଷ୍ଠାନ ମାନେ ଶୋଷଣ କରିବାକୁ ସୁଯୋଗ ପାଆନ୍ତେ ନାହିଁ ।

## ରଜ ପୋଡ଼ପିଠା

**ନାଟ୍ୟସାରଥି ଅଭୟ କୁମାର ଦାସ**

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାଚିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ । କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଅଭିବ୍ୟକ୍ତି ସ୍ୱାଧୀନତାର ଅର୍ଥ କ'ଣ ?

**ଗୋପାଳ ମହାପାତ୍ର**

ସମ୍ବାଦିକ ପ୍ରଶାନ୍ତ କନୌଜିଆଙ୍କ ଗିରଫ ଓ ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରୁ ସେ ଜାମିନ ପାଇବା ପ୍ରକରଣ ଓ ଏକ ଇଂରାଜୀ ପତ୍ରିକାର ଜୁନ୍ ସଂସ୍କରଣରେ ପ୍ରକାଶିତ ଏକ ଲେଖା ପ୍ରକାଶ ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିବାବେଳେ ଅଭିବ୍ୟକ୍ତି ସ୍ୱାଧିନତାର ଅର୍ଥ କ'ଣ ବୋଲି ମଧ୍ୟ ପ୍ରଶ୍ନ ଉଠିଲାଣି । ଅଭିବ୍ୟକ୍ତିର ସ୍ୱାଧିନତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି, ଅନେକ ହୋ ହାଲ୍ଲା ମଧ ହୋଇଛି ଓ ହେଉଛି । ଭାରତରେ ଅଭିବ୍ୟକ୍ତିର ସ୍ୱାଧିନତା ନାମରେ ଦେଶ ବିରୋଧି ସ୍ଲୋଗାନ ମଧ ଦିଆଯାଉଛି । ଏହି ସ୍ୱାଧିନତା ନାମରେ ଅନେକ ନିଷ୍କଳଙ୍କ ବ୍ୟକ୍ତିତ୍ୱଙ୍କ ନାମରେ କଳଙ୍କ ମଧ ବୋଳାଯାଉଛି । ଏହା କ'ଣ ଅଭିବ୍ୟକ୍ତିର ସ୍ୱାଧିନତା ? ନିଶ୍ଚିତ ଭାବରେ ଏହା ଅଭିବ୍ୟକ୍ତିର ସ୍ୱାଧିନତା ହୋଇନପାରେ । ଏହିଭଳି ଘଟଣା ସଂପୂର୍ଣ୍ଣ ଭାବରେ ମାନହାନୀ ପରିସର ଭୁକ୍ତ ଅଟେ । ନିକଟରେ ସାମ୍ବାଦିକ ପ୍ରଶାନ୍ତ କନୌଜିଆ ମଧ କିଛି ଏଭଳି ଘଟଣା ଘଟାଇଛନ୍ତି ଯାହାକୁ ଅଭିବ୍ୟକ୍ତିର ସ୍ୱାଧିନତା କୁହାଯିବା କେତେଦୂର ଯଥାର୍ଥ ସେକଥା ଜନସାଧାରଣ ବିଚାର କରିବେ ନିଶ୍ଚୟ ।

ପ୍ରଶାନ୍ତ କନୌଜିଆଙ୍କୁ ଉତ୍ତର ପ୍ରଦେଶ ପୋଲିସ୍ ଗିରଫ କଲା ଓ ପରେ ସେ ସର୍ବୋଚ୍ଚ ନ୍ୟାୟାଳୟରୁ ଜାମିନରେ ଆସିଲେ । ସର୍ବୋଚ୍ଚନ୍ୟାୟାଳୟ ଜମିନ ଆବେଦନକୁ ମଞ୍ଜୁର କଲେ ସିନା ହେଲେ ପ୍ରଶାନ୍ତ ଦେଇଥିବା ଟିପ୍ପଣୀକୁ ସଠିକ୍ ବୋଲି ମାନି ନାହାଁନ୍ତି । ପ୍ରଶ୍ନ ଉଠୁଛି ପ୍ରଶାନ୍ତ ଯାହା ଲେଖିଥିଲେ, କ'ଣ ତାହା ସାମ୍ବାଦିକତାର ପରିଧି ଭିତରେ ଥିଲା ଅଥବା ସାମ୍ବାଦିକତା ଯେଉଁ ମାନଦଣ୍ଡ ରହିଛି ସେଇ ମାନଦଣ୍ଡ ତାଙ୍କ ଲେଖା ପୂରଣ କରୁଥିଲା ? ସାମ୍ବାଦିକତା ହେଉଛି ସମାଜର ଦର୍ପଣ । ସମାଜର, ଦେଶର ପ୍ରତିଛବି ଏହି ଦର୍ପଣରେ ପ୍ରତିଫଳିତ ହୁଏ । ଅନେକ ବୁଦ୍ଧିଜୀବି ପ୍ରଶାନ୍ତଙ୍କ ଲେଖାକୁ ପସନ୍ଦ କରୁନାହାଁନ୍ତି, ଏପରିକି ସାଧାରଣ ଜ୍ଞାନ ଥିବା ଲୋକଟିଏ ତାଙ୍କ ଲେଖାକୁ ପସନ୍ଦ ବି କରିବ ନାହିଁ । ଏକଥା ମଧ ସତ୍ୟ ଯେ ସମ୍ବିଧାନ ସମସ୍ତଙ୍କୁ ନିଜର ସ୍ୱାଧିନ ବକ୍ତବ୍ୟ ରଖିବାର ଅଧିକାର ଦେଇଛି । କିନ୍ତୁ କେବେବି ଏହାର ଅର୍ଥ ନୁହେଁ ଯେ କିଛି ଚିନ୍ତା ବା ବିଚାର ନକରି ଏବଂ କିଛି ଆଧାର ନଥାଇ କାହାରି ଚରିତ୍ର ଉପରେ ଆଞ୍ଚ ଅଣାଯାଇ ପାରିବ ଓ ତାକୁ ବଦନାମ କରାଯିବ । ପ୍ରଶାନ୍ତ କନୌଜିଆ ଯେଉଁ ପେଶା କରିଛନ୍ତି ତାହା ଏକ ମର୍ଯ୍ୟାଦାଜନକ ପେଶା ଭାବେ ପରିଗଣିତ ଓ ଆଗକୁ ପାଦ ବଢ଼ାଇବା ପୂର୍ବରୁ ଅନେକ ବିଚାର କରିବା କଥା । ସାମ୍ବାଦିକତା ଏଭଳି ଏକ ପେଶା, ଯେଉଁ ପେଶାରେ କାହାରି ବିରୁଦ୍ଧରେ ଖବର ଲେଖବା ପାଇଁ ପର୍ଯ୍ୟାପ୍ତ ପ୍ରମାଣର ଆବଶ୍ୟକତା ରହିଛି । ଏଣୁ ଖବର ଲେଖବା ପୂର୍ବରୁ ସାମ୍ବାଦିକମାନେ ପ୍ରମାଣ ସବୁ ସଂଗ୍ରହ କରି ରଖିଥାନ୍ତି । କିନ୍ତୁ ପ୍ରଶାନ୍ତ ଏଭଳି କରିନାହାଁନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ବୋଧ ହୁଏ ଏଇଥିପାଇଁ ତାଙ୍କୁ ଗିରଫ କରାଯିବା ଘଟଣା ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ ସେ କରିଥିବା ଟ୍ୱିଟ୍‌କୁ ଠିକ୍ ବୋଲି କହିନାହାଁନ୍ତି । ଏଣୁ ପ୍ରଶାନ୍ତଙ୍କ ଲେଖା (ଟ୍ୱିଟ୍) ଠିକ୍ ବୋଲି କୁହାଯାଇପାରିବ ନାହିଁ ।

ଅନ୍ୟପକ୍ଷରେ ପ୍ରଶାନ୍ତଙ୍କୁ ଜାମିନ ମିଳିବା ଘଟଣାକୁ ତାଙ୍କର ବିଜୟ ବୋଲି କୁହାଯାଇ ପାରିବନି । ନ୍ୟାୟାଳୟ ତାଙ୍କୁ ନିର୍ଦ୍ଦୋଶ ବୋଲି ମଧ କହିନାହାଁନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଯେଭଳି ଭାବରେ ଏହି ମାମଲାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କଥା କହିଛନ୍ତ, ସେଥିରୁ ଜଣାପଡୁଛି ଯେ ମାମଲା ଆଇନ୍‌ର ପରିସରଭୁକ୍ତ ଓ ସେ ମଧ ଦଣ୍ଡିତ ହୋଇପାରନ୍ତି । ପ୍ରଶାନ୍ତଙ୍କ ଟ୍ୱିଟ୍‌ରୁ ତାଙ୍କ ଲେଖନଶୈଳୀ ସ୍ପଷ୍ଟ ବାରି ହୋଇପଡୁଛି । ସେ ତାଙ୍କ ଟ୍ୱିଟ୍‌ରେ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ ବ୍ୟକ୍ତିବିଶେଷଙ୍କ ଚରିତ୍ର ଉପରେ ଟିପ୍ପଣୀ ଦେଇଛନ୍ତି । ଏହା ଏ ଦେଶ ଭାରତ ବର୍ଷର ସ୍ୱଭାବ ନୁହେଁ । ତାଙ୍କ ଟ୍ୱିଟ୍‌ରୁ ସ୍ପଷ୍ଟ ଯେ ସେ ଦେଶ ତଥା କିଛି ବ୍ୟକ୍ତିଙ୍କୁ ବଦନାମ କରିବାକୁ ଚହାଁନ୍ତି । ବିଜେପି ଲୋକସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ପାଇଛି । କନୌଜିଆ ଏ ପ୍ରସଙ୍ଗରେ ତାଙ୍କ ଟ୍ୱିଟ୍‌ରେ ଲେଖିଛନ୍ତି ଯେ ସଂସଦରେ ଆତଙ୍କବାଦୀମାନେ ପହଞ୍ଚିଗଲେଣି । ଅମିତ୍ ଶାହା ଏବେ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ । କନୌଜିଆ ଶାହାଙ୍କ ବିରୋଧରେ ଟ୍ୱିଟ୍ କରି ଅନେକ ବିଷୋଦ୍‌ଗାର କରିଛନ୍ତି । ସବୁଠାରୁ ଅଧିକ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ହିନ୍ଦୁ ଧର୍ମକୁ ବିରୋଧ କରି ସେ ଲେଖିଛନ୍ତି ଯେ ରାମ କ'ଣ ଏମିତି କରିଛନ୍ତି ଯେ ତାଙ୍କ ନାମ ପୂର୍ବରୁ ଜୟ ଏବଂ ଶ୍ରୀ ଶବ୍ଦ ଯୋଡ଼ାଯିବ । କନୌଜିଆ ମହେନ୍ଦ୍ର ସିଂ ଧୋନିଙ୍କ ଦେଶଭକ୍ତି ଉପରେ ମଧ ପ୍ରଶ୍ନ କରି ଟ୍ୱିଟ୍ କରିଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ ଧୋନି ଭାରତ ପାଇଁ ଖେଳୁଛନ୍ତି ନା ବିସିସିଆଇ ପାଇଁ । ଅନେକ ନକାରାତ୍ମକ ତଥା ମାନହାନୀ କଲାଭଳି ଟ୍ୱିଟ୍ ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମଧ କରିଛନ୍ତି ଯେଉଁଥିପାଇଁ ଉତ୍ତର ପ୍ରଦେଶ ପୋଲିସ୍ ତାଙ୍କୁ ଗିରଫ କରିଥିଲା ।

ଏକ ଇଂରାଜୀ ପତ୍ରିକା ଅର୍ଗାନାଇଜରର ଜୁନ୍ ସଂସ୍କରଣରେ ଏକ ଲେଖା ପ୍ରକାଶ ପାଇଛି । ଲେଖାଟିର ଶୀର୍ଷକ ଇନ୍ଦିରା ଏବଂ ରାଜୀବ ଶହୀଦ ନୁହଁନ୍ତି । ଏପରିକି ନେହେରୁଙ୍କୁ ଦେଶଭକ୍ତ ବୋଲି କୁହାଯିବା ଠିକ୍ ନୁହେଁ ବୋଲି ଲେଖାରେ ପ୍ରକାଶ ପାଇଛି । ଲେଖକ ଡଃ. ସୁଧିର ବିଷ୍ଟ ଏହି ଲେଖାରେ ଲେଖିଛନ୍ତି ଯେ ନେହେରୁ ଗାନ୍ଧୀ ପରିବାର ଦ୍ୱାରା କରାଯାଇଥିବା ବଳିଦାନ ପ୍ରସଙ୍ଗରେ ସେ ଗଭୀର ଭାବରେ ବିଚର କରିବାକୁ ଚହାଁନ୍ତି । ବିଷ୍ଟଙ୍କ ଯୁକ୍ତି ହେଉଛି କୌଣସି ହତ୍ୟାକାରୀ ଦ୍ୱାରା ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ମୃତକଙ୍କୁ ସହୀଦ କୁହାଯିବ କି ନାହିଁ ତା ଉପରେ ତଦନ୍ତ କରାଯିବା ଆବଶ୍ୟକ ଏବଂ ବାସ୍ତବରେ ଶହୀଦ ଶବ୍ଦର ଅର୍ଥ କ'ଣ ? ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷକମାନେ ହତ୍ୟା କରିଥିବାବେଳେ ରାଜୀବଙ୍କୁ ଲିଟ୍ଟେ ହତ୍ୟା କରିଥିଲା ଯାହା ସାଧାରଣ ହତ୍ୟା ଘଟଣାଠାରୁ ଭିନ୍ନ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି । ଲେଖକ ବିଷ୍ଟ ମହାଭାରତ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି ଯେ ଅଭିମନ୍ୟୁ ମହାଭାରତର ଶ୍ରେଷ୍ଠ ଯୋଦ୍ଧା ଓ ସେ ଶହୀଦ ହୋଇଥିଲେ । ତାଙ୍କ ଲେଖାର ନିଷ୍କର୍ଷ ହେଉଛି ଶହୀଦମାନେ ଦେଶର ସ୍ୱାଧିନତା ପାଇଁ ମୃତ୍ୟୁ ବରଣ କରିଛନ୍ତି । ସେମାନେ ସେମାନଙ୍କର ପରବର୍ତ୍ତୀ ପିଢ଼ିଙ୍କ ପାୱାର ଗେମ୍ ପାଇଁ ଜୀବନ ତ୍ୟାଗ କରିନାହାଁନ୍ତି ।

ଲେଖକ ବିଷ୍ଟ ଯାହା କହିଛନ୍ତି ତାହା ଉପରେ ଅଧିକ ତର୍ଜମା ହେବାର ଆବଶ୍ୟକତା ରହିଛି । କିନ୍ତୁ ନେହେରୁଙ୍କୁ ଦେଶ ଭକ୍ତ ନକହିବା, ଇନ୍ଦିରା ଓ ରାଜୀବଙ୍କ ଉପରେ ମନ୍ତବ୍ୟ ଦେବା କ'ଣ ତିନି ଜଣ ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ ମର୍ଯ୍ୟାଦାହାନୀ ନୁହେଁ କି ? ଏହାକୁ କ'ଣ ଅଭିବ୍ୟକ୍ତିର ସ୍ୱାଧୀନତା କୁହାଯାଇପାରିବ ? ସେହିପରି କନୌଜିଆଙ୍କ ଟ୍ୱିଟ୍‌କୁ ଦେଖିବା ପରେ ତାଙ୍କ ପେଶା ଉପରେ ପ୍ରଶ୍ନ ଉଠାଯିବ ନାହିଁକି ? କନୌଜିଆଙ୍କ ଗିରଫ ପରେ ଅଭିବ୍ୟକ୍ତି ସ୍ୱାଧିନତା ଉପରେ ଆକ୍ରମଣ ହେଲା ବୋଲି କୁହାଗଲା । କିନ୍ତୁ ଯେଉଁମାନଙ୍କର ପ୍ରତିଷ୍ଠା ଉପରେ କନୌଜିଆ ଆଞ୍ଚ ଆଣିଲେ ସେମାନଙ୍କର କ'ଣ କିଛି ସାମ୍ବିଧାନିକ ଅଧିକାର ନାହିଁ ? ଯଦି କନୌଜିଆ ଓ ବିଷ୍ଟଙ୍କ ଭଳି ଲୋକମାନେ ଲେଖିଚାଲିବେ ତେବେ ଯିଏ ଚହିଁବ ଯାହା ବିରୁଦ୍ଧରେ ବି ଲେଖିପାରିବା ଭଳି ସମୟ ଆସିବ । ପ୍ରଶ୍ନ ଉଠିପାରେ ଯେ ଏଭଳି ପ୍ରବୃତ୍ତିକୁ ଆଗକୁ ନିଶ୍ଚୟ ରୋକିବା ପାଇଁ କ'ଣ ଉଦ୍ୟମ କରାଯିବ ନାହିଁ ? ଗଣ ମାଧମ ଆଗରେ ଏବେ କନୌଜିଆଙ୍କର ନୁହେଁ, ପୁରା ସାମ୍ବାଦିକତାର ବିଶ୍ୱାସନିୟତାର ପ୍ରଶ୍ନ ରହିଥିବାବେଳେ ଲେଖକ ବିଷ୍ଟଙ୍କ ଲେଖା ଅଭିବ୍ୟକ୍ତି ସ୍ୱାଧିନତା ସୀମା ଉଲ୍ଲଂଘନ କରିଯାଇ ନାହିଁତ ?

*ରାମଚନ୍ଦ୍ରପୁର, ରଣପୁର*

# ମାତିଛି ଡାହାଣୀ, ପଡ଼ିଛି ଭାଳେଣି

**ଡାକ୍ତର ସମ୍ରାଟ କର**

ଓଡ଼ିଶା ସରକାର ଗୁଣିଗାରେଡ଼ି ସନ୍ଦେହରେ ଲୋକମାନଙ୍କୁ ଦିଆଯାଉଥିବା ନିର୍ଯାତନାକୁ ବନ୍ଦ କରିବାକୁ କଡ଼ା ଆଇନ ପ୍ରଣୟନ କରିଥିଲେ ସୁଦ୍ଧା ଅନ୍ଧବିଶ୍ୱାସ ଜନିତ ସାଂଘାତିକ ଅପରାଧ ଦିନକୁ ଦିନ ବଢ଼ି ଚାଲିଛି । ଓଡ଼ିଶାରେ ଯାହାକୁ ଡାହାଣୀ ବୋଲି କୁହାଯାଏ ଅନ୍ୟ ରାଜ୍ୟରେ ସେମାନଙ୍କର ନାମ ଡାୟନ ଡାକନ, ଡାକିନ, ଚୁଡ଼େଲ, ଭୁତଡ଼ି, ଚିଲାବନ, ଓପ୍ରି ଅଥବା ରାଣ୍ଡକଡ଼ି ବୋଲି କୁହାଯାଇଥାଏ । ଡାହାଣୀମାନେ କାଳେ ସେମାନଙ୍କ ବିଚିତ୍ର ପ୍ରଭାବ ଓ କ୍ଷମତା ବଳରେ ଛୋଟ ଛୋଟ ଶିଶୁ ସୁନ୍ଦରୀ ଝିଅ ଓ ବୋହୂମାନଙ୍କୁ ଗ୍ରାସ କରିଥାନ୍ତି । ଛୋଟ ଶିଶୁମାନଙ୍କୁ ମାରି ପକାନ୍ତି । ଆଦିବାସୀ ସଂପ୍ରଦାୟରେ ବିଶ୍ୱାସ ରହିଛି ଗାଁରେ କେହି ଅସୁସ୍ଥ ହେଲେ ତାହା କୌଣସି ନା କୌଣସି ଡାହାଣୀଙ୍କ ଅଶୁଭ ଦୃଷ୍ଟି ଯୋଗୁଁ ଘଟିଥିଲା । ଖାଲି ମହିଳା ନୁହେଁ ପୁରୁଷମାନଙ୍କୁ ମଧ୍ୟ ଡାହାଣୀ ସନ୍ଦେହ କରିଥାନ୍ତି । ବିଧବା ଓ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଅଧିକାଂଶ କ୍ଷେତ୍ରରେ ଡାହାଣୀ ବୋଲି କୁହାଯାଇଥାଏ । ଗାଁର ଦିସାରି, ପୁରୋହିତ ଅଥବା ମୁଖିଆ ଡାହାଣୀମାନଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ଶାସ୍ତି ଦିଆଯାଇଥାଏ । ଶାସ୍ତି ଅତ୍ୟନ୍ତ ନିର୍ମମ ହୋଇଥାଏ । ଗତ ପାଞ୍ଚବର୍ଷରେ ୩୧୨ ଜଣଙ୍କର ମୁଣ୍ଡ ଗଡ଼ିଥିବାବେଳେ ଏବେ ମଧ ମୁଣ୍ଡ ଉପରେ ମୁଣ୍ଡ ଗଡ଼ିଚାଲିଛି । ଅନେକ ସ୍ଥାନରେ ମହିଳାଙ୍କୁ ଉଲଗ୍ନ, ଲଣ୍ଡା କରିବା ସହ ଜୋରଜବରଦସ୍ତ ବିଷ୍ଠା ଖୁଆଯାଉଛି । କେଉଁଠି ଗାଁରୁ ବାସନ୍ଦ କରାଯାଇ ଜୀବନରେ ମାରି ଦିଆଯାଉଛି । ଗାଁ ପଞ୍ଚାୟତରେ ମୁଖିଆଙ୍କ ନିର୍ଦ୍ଦେଶରେ ମହିଳା ଡାହାଣୀଙ୍କ ଦାନ୍ତ ଭାଙ୍ଗି ଦିଆଯାଉଛି । ଗୁଣିଆ ଡାହାଣୀକୁ ଚିହ୍ନିବା ପରେ ଆରମ୍ଭ ହୋଇଥାଏ ନିର୍ଯାତନା । ଗୁଣିଆର କଥାକୁ ସମସ୍ତେ ବେଦବାକ୍ୟ ବୋଲି ମାନି ନେଇଥାନ୍ତି । ଏହା ଓଡ଼ିଶାର ଗ୍ରାମାଞ୍ଚଳରେ ଏକ ନୀତିଦିନିଆ ଘଟଣା ।

ଓଡ଼ିଶାର ଆଦିବାସୀ ସଂପ୍ରଦାୟ ଜିଲ୍ଲାରେ ଡାହାଣୀ ସନ୍ଦେହକୁ ନେଇ ଘଟିଛି ସାଂଘାତିକ ଅପରାଧ । ଡାହାଣୀ ସନ୍ଦେହଜନିତ ଅପରାଧର ମାତ୍ରା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ । ୨୦୧୨ ମେ ୧୭ରେ ଓଡ଼ିଶା ହାଇକୋର୍ଟ ଡାହାଣୀ ନିରୋଧ ଲାଗି ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ନିର୍ଦ୍ଦେଶ ଦେଇଥିଲେ । ଆଇନ ପ୍ରଣୟନ ସତ୍ତ୍ୱେ ଶହ ଶହ ବର୍ଷ ଧରି ସମାଜକୁ ଗ୍ରାସ କରି ରଖିଥିବା ଏଭଳି ଅନ୍ଧବିଶ୍ୱାସ ଓ କୁସଂସ୍କାର ଏଯାଏଁ ଦୂର ନହେବା ଚିନ୍ତାର ବିଷୟ ହୋଇଛି । ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ଶରତ ଥାନା ରାଣୀପୋଖରୀ ପଞ୍ଚାୟତ ରଜତନଗର ଧନୁସାହିରେ ଘଟିଥିଲା ଡବଲ ମର୍ଡ଼ର । ପୁତୁରା ନିଜ ଦାଦା ଓ ଖୁଡ଼ିକୁ ବିଭତ୍ସ ଭାବେ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ହତ୍ୟା କରିଥିଲା । ତେନ୍ତୁଳିଖୁଣ୍ଟିରେ ନୂଆଗୁଡ଼ା ଗାଁରେ ଡାହାଣୀ ସନ୍ଦେହରେ ଦୁଇଜଣଙ୍କୁ ଆକ୍ରମଣ ହୋଇଥିଲା । ରାଇରଙ୍ଗପୁର, ଗୋରୁମହିଷାଣୀ, ବାଦାମପାହାଡ଼, ବହଳଦା, ତିରିଂ, ବିଶୋଇ, ଜାମଦା ପ୍ରଭୃତି ଅଞ୍ଚଳରେ ଡାହାଣୀ ସନ୍ଦେହରେ ହତ୍ୟାକାଣ୍ଡ ଘଟିଚାଲିଛି । କୁଶୁନି ବ୍ଲକ ଜୋତାପୋଖରୀ ଗାଁର ଲୋମହର୍ଷକ ଘଟଣା ଆତଙ୍କ ଖେଳାଇଥିଲା । ମୃତ ଛାତ୍ରକୁ ବଞ୍ଚାଇବାକୁ ଯାଇ ମଶାଣିରେ ପୂଜାପାଠ ହୋଇଥିଲା । ଗାଁର ତିନିଜଣ ମହିଳା ଭଲ କରିଦେବାର ପ୍ରତିଶ୍ରୁତି ଦେଇ ପରମୁହୂର୍ତ୍ତରେ ନିର୍ଯାତନାର ଶିକାର ହୋଇଥିଲେ । ମାଲକାନାଗିରିର ସିଆଡ଼ିମାଳ ଗାଁରେ ମହିଳାଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା । ଏହି କ୍ରମରେ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ପ୍ରତ୍ୟେହ ଅନ୍ଧବିଶ୍ୱାସକୁ ନେଇ ହତ୍ୟାକାଣ୍ଡ ଘଟିଚାଲିଛି । ସ୍ୱାସ୍ଥ୍ୟସେବା ଠିକ୍ ଭାବେ ଗାଁ ଗହଳିରେ ନପହଞ୍ଚିବା ସହ ସଚେତନତା ଅଭାବରୁ ଏଭଳି ଘଟଣା ଘଟିଚାଲିଛି ।

ଭାତହାଣ୍ଡିରୁ ଗୋଟିଏ ପରି କେନ୍ଦୁଝର ଜିଲ୍ଲାରେ ଏଭଳି ସମ୍ବେଦନଶୀଳ ଘଟଣା ଉତ୍କଟରୂପ ଧରିଛି । ୨୦୦୬ରେ ୪୨, ୨୦୦୭ରେ ୨୯, ୨୦୦୮ରେ ୧୮, ୨୦୦୯ରେ ୨୪, ୨୦୧୦ରେ ୧୭ଟି ମାମଲା ଡାହାଣୀକୁ ନେଇ ରୁଜୁ ହୋଇଛି । ୨୦୧୧ରେ ୨୦, ୧୨ରେ ୬୧ ଓ ୧୩ରେ ୧୧ଟି, ୨୦୧୪ରୁ ଏଯାବତ ୧୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି । ଡାହାଣୀ ସନ୍ଦେହରେ ଖାଲି କେନ୍ଦୁଝର ନୁହେଁ କଳାହାଣ୍ଡି, ନବରଙ୍ଗପୁର, ମାଲକାନାଗିରି, ବୌଦ୍ଧ, ସୁନ୍ଦରଗଡ଼, ପ୍ରଭୃତି ଆଦିବାସୀ ବହୁଳ ଇଲାକାରେ ଘଟୁଥିବାବେଳେ ଉପକୂଳବର୍ତ୍ତୀ ଓଡ଼ିଶାରେ ମଧ ଛୋଟମୋଟ ଘଟଣା ଘଟିବା ବାସ୍ତବିକ ଚିନ୍ତାର ବିଷୟ ହୋଇଛି । ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ବିରୋଧରେ ଆମ ରାଜ୍ୟରେ ଆଇନ ଅଣାଯାଇଛି । କିନ୍ତୁ ଦେଖାଯାଉଛି ଯେ କାର୍ଯ୍ୟକାରିତା ଅଭାବରୁ ଏଭଳି ଆଇନ ଦନ୍ତହୀନ । ଆଇନ ଅତିଶୟ କଡ଼ା ହେବା ଜରୁରୀ ନୁହେଁ । ଯେଉଁ ଆଇନ ଅଛି, ତାର ଉପଯୁକ୍ତ ପରିପାଳନ ଆଇନକୁ ଦାଢ଼ ଦେଇଥାଏ । ଆଇନର ଉପଯୁକ୍ତ ପରିପାଳକ ହେତୁ ବ୍ରିଟିଶ ଶାସନକାଳରେ ମେରିଆ ପ୍ରଥା ବା ସତୀଦାହ ଭଳି ପ୍ରଥମା ସମୂଳେ ଲୋପ ପାଇଥିଲା । ଯଦି ଏଭଳି ଗଣିଗାରେଡ଼ିରୁ ହେଉଥିବା ହତ୍ୟାକାଣ୍ଡ ଭଳି ଘଟଣାରେ ଶତପ୍ରତିଶତ କାର୍ଯ୍ୟାନୁଷ୍ଠାନ ଧାର୍ଯ୍ୟ କରାଯାଇପାରେ, ତେବେ ଏଭଳି ଘଟନା ଘଟିବା ବନ୍ଦ ହେବ । କିନ୍ତୁ ସେଥିଲାଗି ପ୍ରଶାସନ ଠାରେ ଗଭୀର ନିଷ୍ଠାର ଆବଶ୍ୟକତା ରହିଛି । ଜାତୀୟ ଅପରାଧ ରେକର୍ଡ଼ସ ବ୍ୟୁରୋ ବା ଏନ୍‌ସିଆରବିର ତଥ୍ୟ ଅନୁଯାୟୀ ଆମ ଦେଶରେ ୨୦୦୦ରୁ ୨୦୧୨ ଭିତରେ ଗୁଣିଗାରେଡ଼ି ସନ୍ଦେହରୁ ୨୦୯୭ଟି ହତ୍ୟାକାଣ୍ଡ ଘଟିଥିଲା । ୨୦୧୨ ମସିହାରେ ଏନ୍‌ସିଆରବି ଦ୍ୱାରା ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ଶୀର୍ଷକ ରିପୋର୍ଟରୁ ଜଣାପଡ଼ିଛି କି ସାରା ଭାରତରେ ଏଭଳି ଯେତିକି ହତ୍ୟାକାଣ୍ଡ ଘଟିଛି, ତାର ୬.୯ ପ୍ରତିଶତ ଘଟିଛି କେବଳ ଓଡ଼ିଶାରେ । ସେଇଭଳି ସାରା ଭାରତରେ ଗୁଣିଗାରେଡ଼ି ସନ୍ଦେହରେ ଯେତିକି ହିଂସାକାଣ୍ଡ, ମରଣାନ୍ତକ ଆକ୍ରମଣ ତଥା ଅତ୍ୟାଚାର ଆଦି ଘଟିଛି ତାର ୭୫ ପ୍ରତିଶତ ଘଟିଛି ଆମ ରାଜ୍ୟରେ । ଏହା ସ୍ପଷ୍ଟ ଭାବେ ପ୍ରମାଣ କରୁଛି ଯେ ଆମ ରାଜ୍ୟର ପ୍ରବର୍ତ୍ତିତ ଆଇନ ବିଫଳ ହୋଇଛି । ତେବେ ପ୍ରଶ୍ନ ହେଲା, ଏଭଳି ଧାରାରେ ବିରାମ ଲାଗିବ କେମିତି ? ସତ କହିଲେ, ତିନିଟି ସରକାରୀ ଚେହେରା ଯଦି ଏଭଳି ଗ୍ରାମାଞ୍ଚଳରେ ମୁହଁ ଦେଖାଏ ତେବେ ଏ ସ୍ଥିତିରେ ପରିବର୍ତ୍ତନ ଆସିବ । ବର୍ତ୍ତମାନ ପ୍ରସଙ୍ଗ ହେଉଛି କେବଳ ପୋଲିସ ବା ଡାକ୍ତର ନୁହଁନ୍ତି ଶିକ୍ଷକ ମାନଙ୍କର ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରଙ୍କର ନିଃସ୍ୱାର୍ଥପର ଚିକିତ୍ସା, ଆଇନ ଶାସନର ଭୟ ରହୁଥିବା ପୋଲିସ ଓ ସଚେତନତା ସୃଷ୍ଟି କରୁଥିବା ଶିକ୍ଷକ । ଏହାସହ ମନସ୍ତତ୍ତ୍ୱବିତ ବା ମନୋବିଜ୍ଞାନୀଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ । ସେହିପରି ବ୍ୟବସ୍ଥାର ପରିବର୍ତ୍ତନ ହେଲେ ଲୋକେ ଆଇନକୁ ନିଜ ହାତକୁ ନେବାକୁ ଭୟ କରିବେ ।

*ମାନସିକ ରୋଗ ବିଶେଷଜ୍ଞ, ଦି ବ୍ରେନ୍, ପୁରୀଘାଟ, କଟକ*

# ସର୍ବଧର୍ମ ସମନ୍ୱୟର ଆବଶ୍ୟକତା

**ପ୍ରୀତିରଂଜନ ଦାସ**

ସବୁ ଧର୍ମକୁ ସମ୍ମାନ ଦେବା, ଗୋଟିଏ ଧର୍ମର ଲୋକେ ଅନ୍ୟ ଧର୍ମ ପ୍ରତି ହସ୍ତକ୍ଷେପ ନ କରିବା, କାହା ପ୍ରତି ହିଂସା ମନୋଭାବ ପୋଷଣ ନ କରି ଅନ୍ୟର ଉପକାର ସାଧନ କରିବା ଯେଉଁ ମହାପୁରୁଷଙ୍କ ମୂଳମନ୍ତ୍ର, ସେ ହିଁ ହେଉଛନ୍ତି ପୂଣ୍ୟ ଉତ୍କଳ ମାଟିର ସନ୍ଥ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ । ବାବା ମଧୁସୂଦନଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଅନ୍ତର୍ଗତ ସ୍ୱର୍ଗ ବ୍ରହ୍ମପୁର ଗାଁ । ଉକ୍ତ ଗାଁର ନାମ ଉଚ୍ଚାରଣ କଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିଥାଏ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଶୂନ୍ୟ ବାଣୀ ଶୁଣାଇଥିଲେ ଏପରି ଜଣେ ସିଦ୍ଧ ମହାପୁରୁଷଙ୍କ ଆଗମନ ସଂପର୍କରେ । ୧୯୧୯ ମସିହା ପବିତ୍ର ଚମ୍ପକ ଦ୍ୱାଦଶ ତିଥିରେ ଧରାପୃଷ୍ଠକୁ ଆଗମନ କରିଥିଲେ ଏହି ମହାପୁରୁଷ । ଯାହାଙ୍କ କାର୍ଯ୍ୟ, ଆଚରଣ, ସତ୍ୟ, ଅହିଂସା, ଅକ୍ରୋଧ, ଇନ୍ଦ୍ରୀୟ ସଂଯମ, ଦୟା, କ୍ଷମା, ଧୈର୍ଯ୍ୟ, ଜ୍ଞାନ, ନିଷ୍କାମ ପ୍ରେମ, ସହନଶୀଳତା ଓ ସେବା ପ୍ରଭୃତି ଦ୍ୱାଦଶ ସଦ୍‌ଗୁଣାବଳୀର ବିକାଶ ସାଧନ ହିଁ ପ୍ରକୃତ ସର୍ବଧର୍ମ ସମନ୍ୱୟ ସତ୍ୟଧର୍ମ ବୋଲି ସେ ମତ ଦେଇଥିଲେ । ସମସ୍ତଙ୍କର ଗୋଟିଏ ଧର୍ମ, ଗୋଟିଏ ଗୁରୁ ବୋଲି ଚିନ୍ତା କରି ଭେଦ ଜ୍ଞାନ ପରିତ୍ୟାଗ କରିବାକୁ ପଦ୍ମପୁର, ପାଇକମାଳ, ସମ୍ବଲପୁର, ବଲାଙ୍ଗିରର ରୁଗୁଡ଼ିପଡ଼ା ଆଦି ପଶ୍ଚିମାଂଚଳ ସମେତ ଓଡ଼ିଶାର ବିଭିନ୍ନ ଅଂଚଳରେ ପଦଯାତ୍ରା ସହିତ କାନ୍ଥ ଓ ପ୍ରାଚୀରରେ ପ୍ରଚାର ପତ୍ର ମାଧ୍ୟମରେ ସେ ଜନସାଧାରଣଙ୍କୁ ସୁଚାଉଥିଲେ । କିମ୍ବଦନ୍ତୀ କହେ, ଠିକ୍ ୮ ମାସ ବେଳକୁ ବାବା ମଧୁସୂଦନଙ୍କୁ ଘର ଅଗଣାରେ ମାତା ରାଧାମଣି ଶୁଆଇ ଦେଇ ଘର କାମରେ ବ୍ୟସ୍ତ ଥାନ୍ତି । ହଠାତ୍ ମାଆ ଆସି ଦେଖିଲା ବେଳକୁ ବିଷଧର ନାଗ ମଧୁସୂଦନଙ୍କ ଦେହରେ ଗୁଡେଇ ହୋଇ ମସ୍ତକ ଉପରେ ଫଣା ଟେକି ରହିଛି । ଏହା ଦେଖି ମା' ରାଧାରାଣୀ ନିଜର ଆରାଧ୍ୟ ଲକ୍ଷ୍ମୀନାରାୟଣଙ୍କୁ ଚିନ୍ତା କରି ଏ ପୁତ୍ର ତୁମର, ଏହାକୁ ରକ୍ଷା କର ପ୍ରଭୁ, ଏହି ପୁଅ ବଂଚି ରହିଲେ ବାବାଜୀ କରିଦେବି ବୋଲି କହିଥିଲେ । ହଠାତ୍ ବିଷଧର ସର୍ପଟି ସମସ୍ତଙ୍କୁ ବିସ୍ମିତ କରି ଅଦୃଶ୍ୟ ହୋଇ ଯାଇଥିଲା । ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ପିଲାଦିନେ ସର୍ବଦା ଭଗବାନ କୃଷ୍ଣଙ୍କୁ 'କୁଟ କୁଟ' ବୋଲି ଉଚ୍ଚାରଣ କରି ଦୁଇ ଗୋଡ ଛନ୍ଦି ଛିଡା ହୁଅନ୍ତି । ମଧୁସୂଦନ ରାଧାକୃଷ୍ଣ ପ୍ରେମ ବିଷୟରେ ଭକ୍ତମାନଙ୍କୁ କୁହନ୍ତି- 'ବାବାଜୀକୁ ପଛେ ଭୁଲିଯାଅ, କୃଷ୍ଣଙ୍କୁ କେହି ନ ଭୁଲ ।' ସିଦ୍ଧ ପୁରୁଷ ଅଚ୍ୟୁତାନନ୍ଦ ଗୋସ୍ୱାମୀ ପ୍ରାୟ ୫ଶହ ବର୍ଷ ପୂର୍ବରୁ ଭବିଷ୍ୟତବାଣୀ ଶୁଣାଇଥିଲେ "ମଧୁର କୂଳରେ ଜନମ ଲଭିବ, ମଧୁ ଦାସ ନାମେ ଖ୍ୟାତ, ପ୍ରାଚୀ କୂଳରେ ତା' ଆଶ୍ରମ ହୋଇବ ଯାଗ ଯଜ୍ଞରେ ତା' ମତ" । ୧୯୩୧ ମସିହା ମା' ଚର୍ଚ୍ଚିକାଙ୍କ ପୀଠରେ କୃପାଭିକ୍ଷା କରିବା ପାଇଁ ୨୧ ଦିନ ଏକଗୋଡ଼ିଆ ଛିଡ଼ା ହୋଇଥିଲେ । ଶେଷରେ ତାଙ୍କ ଉପରେ ମା'ଙ୍କ କୃପା ହୋଇଥିଲା ଓ ସେ ସବୁ ଧର୍ମର ବିକାଶ ପାଇଁ ପ୍ରୟାଶ କରିଥିଲେ । ୧୯୪୦ ମସିହା ପୁରୀ ଜିଲ୍ଲା ନୟାହାଟ ଠାରେ ସେ ପ୍ରତିଷ୍ଠା କରିଥିଲେ ସର୍ବଧର୍ମ ସମନ୍ୱୟ ପୀଠ । ଯାହାକି ପ୍ରାଚୀ ଗୁରୁଧର୍ମ କ୍ଷେତ୍ର ଭାବେ ପରିଚିତ । ପ୍ରତ୍ୟେକ ଧର୍ମର, ପ୍ରତ୍ୟେକ ସଂପ୍ରଦାୟର ଓ ପ୍ରତ୍ୟେକ ଗୁରୁଙ୍କର ଲକ୍ଷ୍ୟ ଏକ । ଏହି ମହାନ ଉକ୍ତିକୁ ସତ୍ୟରେ ପ୍ରତିଷ୍ଠା କରିବା ପାଇଁ ସେ ଆଶ୍ରମ ପରିସରରେ ଗଢି ତୋଳିଥିଲେ ମହାମାନବ ମନ୍ଦିର । ଯେଉଁଠାରେ କି ପୃଥିବୀର ପ୍ରତ୍ୟେକ ଧର୍ମର ଗୁରୁ ଓ ମହାପୁରୁଷଙ୍କ ଫଟୋ ପୂଜା ପାଉଛନ୍ତି । ସର୍ବସାଧାରଣଙ୍କ ଶିକ୍ଷଣାର୍ଥେ ସ୍ଥାପନ କରା ଯାଇଛି ଏହି ମନ୍ଦିର । ଏଥିରେ ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ଅରବିନ୍ଦ, ଅନୁକୂଳଚନ୍ଦ୍ର, ନିଗମାନନ୍ଦ, ନାନକ, କବୀର ଆଦି ମହାପୁରୁଷଙ୍କ ମହାନ ବାଣୀ ଲିପିବଦ୍ଧ କରାଯାଇଛି । ସର୍ବଧର୍ମ ମତବାଦକୁ ସ୍ୱୀକୃତି ଦେଉଥିବା ଏହା ସ୍ୱତନ୍ତ୍ର ପୀଠ । ବିଶ୍ୱର ମଙ୍ଗଳ ପାଇଁ ମହା ବିପତି ନାଶନ ନାମ "ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ" ୧୯୮୦ରୁ ଚାଲୁ ରହିଛି । ଏଠାରେ ମଧ୍ୟ ଅଖଣ୍ଡ ନାମ ଓ ଅଖଣ୍ଡ ଦୀପ ଅହୋରାତ୍ର ଜଳୁଛି । ଆଶ୍ରମରେ କୃଷ୍ଣ ମନ୍ଦିର, ମା'ଶ୍ୟାମାକାଳୀ ଓ ଦୁର୍ଗାମଧବ ମନ୍ଦିର ସହ ପ୍ରାୟ ୧୫ ଟି ମନ୍ଦିର ଶୋଭା ପାଉଛି । ପ୍ରତ୍ୟେକ ଦିନ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଦୈନିକ ଭିକ୍ଷା କରାଯାଇ ପ୍ରସାଦ ବ୍ୟବସ୍ଥା କରାଯାଇଥାଏ । ଦେଶର ସ୍ୱାଧୀନତା ପରେ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ଦେଖା ଦେଇ ଯେଉଁ ବିଭେଦ ଓ ଅସ୍ଥିରତା ଦେଖା ଦେଇଥିଲା, ସେ ସମୟରେ ବାବା ମଧୁସୂଦନ ଅତ୍ୟନ୍ତ ମର୍ମାହତ ହୋଇ ସବୁ ଧର୍ମ ମଧ୍ୟରେ ଏକ ଉଦାର ଯୋଗସୂତ୍ର ରୂପେ ସ୍ୱଲିଖନରୁ ଆବୃତି କରିଥିଲେ "ସମସ୍ତଙ୍କର ଗୋଟିଏ ଧର୍ମ, ସତ୍ୟ, ଶାଶ୍ୱତ, ସାମ୍ୟ ଓ ପ୍ରେମ । ସମସ୍ତଙ୍କର ଗୁରୁ ଗୋଟିଏ । "ଆତ୍ମା ଅଟଇ ତାଙ୍କରି ନାମ" ଏହିପରି ଅନେକ...... ।

*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, କଟକ,*
*ମୋ-୯୪୩୭୨୭୪୪୮୮*



### ଧାମନଗର ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ରଜ ମହୋତ୍ସବ ପାଳିତ

# ପୁରୁଣା ଜାଗା, ପୁରୁଣା କର୍ମୀ ଓ ପୁରୁଣା ଅସ୍ତ୍ରକୁ ନେଇ ଦମ୍ ଦେଖାଇଲେ ରାଜୁ

**ତିହିଡ଼ି,୧୭।୬(ନିପ୍ର):** ପ୍ରତିବର୍ଷ ପରି ଚଳିତ ବର୍ଷ ଧାମନଗର ନିର୍ବାଚନ ମଣ୍ଡଳୀର ପରାଜିତ ବିଜେଡି ପ୍ରାର୍ଥୀ ରାଜୁ ଦାସଙ୍କ ଆବାହକତ୍ୱରେ ରଜ ଉତ୍ସବ ତିହିଡ଼ି ବ୍ଲକ ଦୋଲସାହିଠାରେ ପାଳିତ ହୋଇଯାଇଛି। ଏଥିରେ ତିହିଡ଼ି ବ୍ଲକର ୧୩ ପଞ୍ଚାୟତ ଓ ଧାମନଗର ବ୍ଲକର ସମସ୍ତ ପଞ୍ଚାୟତର ବିଜେଡି କର୍ମୀ ଓ ନେତାମାନେ ଯୋଗଦେଇଥିଲେ। ରଜ ପଖାଳରେ ସମସ୍ତଙ୍କୁ ଆପ୍ୟାୟିତ କରିବା ଉଦେଶ୍ୟ ଥିଲେ ବି ରାଜୁ ଦାସଙ୍କ ପରାଜୟ ପାଇଁ ଯେଉଁମାନେ ଦାୟୀ ତାହାକୁ ନେଇ ଉଭୟ ବ୍ଲକର ତୁଙ୍ଗ ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ତିହିଡ଼ି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ୧୩ ପଞ୍ଚାୟତ ବିଜେଡିର ସଭାପତି କମଳାକାନ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜୁ ଦାସ 'ଭୂଗୋଳରେ ଭଲ ହେଉଥିଲା....' ଗୀତ



ଗାଇ ନିର୍ବାଚନ ସଫଳତା ପାଇଁ କର୍ମୀମାନେ ଆପ୍ରାଣ ଉଦ୍ୟମ କରିଥିବା ବେଳେ ଶେଷରେ ସବୁ ଅଙ୍କ ଭୁଲ ହୋଇଗଲା ବୋଲି କହିଥିଲେ। ଦଳର କିଛି ନେତା ତାଙ୍କୁ ଜାଣିଶୁଣି ହରାଇଲେ ବୋଲି ଅଭିଯୋଗ କରିବା ସହ ଧାମନଗର ଏବଂ ତିହିଡ଼ିରେ ଗୋଟିଏ ସମୟରେ ଦୁଇ ଗୋଟି ସଭା କରିବା ଦ୍ୱାରା ସେ ବାଧ୍ୟହୋଇ ଗୋଟିଏ ସଭାକୁ ଯାଇପାରୁନଥିଲେ ଓ ଏହା ତାଙ୍କ ବିରୋଧରେ କରାଯାଇଥିବା ଷଡ଼ଯନ୍ତ୍ରର ଏକ ନମୁନା ବୋଲି ସୂଚନା ଦେଇଥିଲେ। ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଏହି ରଜ ଉତ୍ସବରେ ଯୋଗଦେଇ ଦଳବିରୋଧୀଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ହାତ ଗଣତି ଯେଉଁ କେତେଜଣ ଦଳବିରୋଧୀ କାର୍ଯ୍ୟ କରିଛନ୍ତି ସେମାନଙ୍କ ମୁଖା ଖୋଲାଯିବ ଓ ରାଜୁ ଦାସଙ୍କୁ ଭୋଟ ଦେଇଥିବା ୭୫ ହଜାର ଭୋଟରଙ୍କ କାନ୍ଥରେ ସେହି ଦଳବିରୋଧୀଙ୍କ ନାମ ଲେଖାଯିବ ବୋଲି କହିଥିଲେ। ଦଳ ବିରୋଧୀମାନଙ୍କୁ ନିଲମ୍ବନ କରିବା ପାଇଁ ବିଜେଡି ନେତୃତ୍ୱ ନିକଟରେ ଆମ୍ଭର ଦୃଢ଼ ଦାବି ରହିବ। ଧାମନଗରର ବିଜେପି ବିଧାୟକ ଆଇନଗତ ଭାବେ ବହୁ ପ୍ରକାର ନିଷ୍ପତ୍ତି ନେବାର ଅଧିକାର ଥିବା ବେଳେ ଆମର କର୍ମୀଙ୍କୁ ସୁରକ୍ଷା ଦେବା ସହ ନ୍ୟାର୍ଯ୍ୟ ହକ୍ ହାସଲ ପାଇଁ ଆମକୁ ସଂଗଠିତ ହୋଇ ଧାମନଗର ନିର୍ବାଚନ ମଣ୍ଡଳୀରେ ଲଢ଼ିବା ପାଇଁ ପଡ଼ିବ। ଆଗାମୀ ପଞ୍ଚାୟତ ନିର୍ବାଚନ, ସୋସାଇଟି ନିର୍ବାଚନ, ଏନଏସି ନିର୍ବାଚନ ଗୁଡ଼ିକରେ ବିଜେଡି କିପରି ଧାମନଗର ନିର୍ବାଚନ ମଣ୍ଡଳୀରେ ଜିତିବ ତାହାର ମଧ୍ୟ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରିବାକୁ ଅଶୋକ ନାୟକ ଗୁରୁତ୍ୱାରୋପ କରିବା ସହ ଉଭୟ ବ୍ଲକରେ ଷ୍ଟିୟରିଂ କମିଟି ଗଠନ ପ୍ରସ୍ତାବ ଦେଇଥିଲେ। ଏହି ସଭାରେ ଧାମନଗର ବ୍ଲକରୁ ହାକିମ ଖାଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସେକ ବାଟୋ, ବିଜୟ ମିଶ୍ର, ଗଦାଧର ସାହୁ, ଅନିଲ ଦାସ, ସୀତାକାନ୍ତ ମିଶ୍ର, ମଦନ ନାୟକ, କିଶାନ ରାଉତ, ପ୍ରଦୀପ ମହାପାତ୍ର, ଅରୁଣ ପ୍ରକାଶ ନାୟକ ପ୍ରମୁଖ ବିଜେଡି ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ତିହିଡ଼ି ବ୍ଲକରୁ ସୁରେନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ମହାନ୍ତି, ଗଣେଶ ପ୍ରସାଦ ବିଶ୍ୱାଳ, ବିକ୍ରମ କେଶରୀ ଦାସ, ମନୀନ୍ଦ୍ର ଦାସ, ଦେବେନ୍ଦ୍ର ପୁହାଣ, ମିନତିଲତା ଦାସ, ଶଶଧର ସାମଲ, ଭାଗିରଥି ମଲିକ, ଆଦିତ୍ୟ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ବିଶ୍ୱଜିତ ବେହେରା, ମଣ୍ଟୁ ଜେନା, ଅମର ସେନାପତି, ଭରତ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଭୟ ବ୍ଲକରୁ କର୍ମୀ ଓ ସମର୍ଥକମାନେ ବହୁ ସଂଖ୍ୟାରେ ଯୋଗଦେଇ ଧାମନଗର ନିର୍ବାଚନ ମଣ୍ଡଳୀରେ ରାଜୁ ଦାସଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ରଜ ପଖାଳ ପରଶା ଯାଇଥିଲା।

## ଯୁବ ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ମହମବତୀ ଶୋଭାଯାତ୍ରା



କେନ୍ଦ୍ରାପଡା,୧୭/୬(ନିପ୍ର): କେନ୍ଦ୍ରାପଡା ଯୁବ ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଟ୍ୱିଙ୍କିଲ ଶର୍ମାଙ୍କ ମୃତ୍ୟୁରେ ଓ ଏୟାରକ୍ରାଫ୍ଟରେ ମୃତ୍ୟୁ ବରଣ କରିଥିବା ୧୪ଜଣ ସୈନିକଙ୍କ ସ୍ମୃତିରେ ଯୁବ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମୀର ମହମ୍ମଦ ଅମୀରଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ନଜଓ୍ୱାନ ୟୁନିଅନ କାର୍ଯ୍ୟାଳୟ ନିକଟରୁ ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲା । ସେଠାରେ ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏଭଳି ଜଘନ୍ୟ କାର୍ଯ୍ୟରେ ଜଡିତଙ୍କୁ କଠୋର ଦଣ୍ଡବିଧାନ ନିମନ୍ତେ ଦାବି କରାଯାଇଥିଲା । ଏଥିରେ ଅବରାର ଖାନ, ସେକ ସଲାଉଦ୍ଦିନ, ନଇମ ଖାନ, ଅବଦୁଲ ମଜିଦ, ମହମ୍ମଦ ମୁଜାହିଦ୍ଦିନ, ଆସିଫ ଖାନ, ସେକ ଇମରାନ, ସେକ ନସିରୁଦ୍ଦିନ, ଏନାମୁଲ ହକ, ଇସମାଇଲ ଖାନ, ସେକ ପ୍ରୀତମ, ସେକ ମତିନ, ହାପି ସେଖ, ଅବଦୁଲ ମଜିଦ, ସେକ ଅନସ, କୟାସ ଖାନ, ସେକ କଲିମ, ସେକ ଇସା, ସେକ ସୁଫିୟାନ, ସେକ ମୁକ୍ତାର, ସେକ ନସିମୁଦ୍ଦିନ, ସେକ ପରବେଜ, ସେକ ଜାକିର, ସେକ ନୁରୁଦିନ, ସେକ ନିୟାଜଉଦ୍ଦିନ, ଅବଦୁଲ ଜବାର, ପଦ୍ମନାଭ ସାହୁ, ସେକ ମସଗୁଲ, ସେକ ଅଗଇଲ୍ୟା, ଅଭ ଖାନ, ଟୁନା ସାହୁ, ସେକ ଆବିଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜଳେଶ୍ୱରରେ ଦେବସ୍ନାନ ପୂର୍ଣ୍ଣିମା



ଜଳେଶ୍ୱର,୧୭।୦୬(ନିପ୍ର): ଆଜି ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଜଳେଶ୍ୱର ବ୍ଲକ ଓ ସହରାଂଚଳର ବଡ଼ବଜାର, ନୂଆବଜାର, ଚନ୍ଦନା ସ୍ଥିତ ଇସ୍କନ ମନ୍ଦିର, ନାମ୍ପୋ, ଛମୌଜ, ମାକିଡ଼ିଆ ଇତ୍ୟାଦି ସ୍ଥାନରେ ଅବସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ଜୀଉ ଙ୍କ ମନ୍ଦିର ପରିସରରେ ଥିବା ସ୍ନାନମଣ୍ଡପ ଗୁଡ଼ିକରେ ଚତୁର୍ଦ୍ଧା ମୂର୍ତ୍ତୀ କୁ ବିଧି ଓ ରିତିନିତୀ ଅନୁଯାୟୀ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏଥିସହିତ ଛମୌଜ ସ୍ଥିତ ପାବନ କ୍ଷେତ୍ରରେ ଅପରାହ୍ନ ସମୟରେ ମହାପ୍ରଭୁଙ୍କ ହାତୀବେଶ ସହିତ ସଂଧ୍ୟା ସମୟରେ ଆଳତୀ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବଡ଼ ପଣ୍ଡା ବିନୋଦ ମହାପାତ୍ର,ବୈକୁଣ୍ଠ ପଣ୍ଡା,ଶମ୍ଭୁନାଥ ପଣ୍ଡା ଓ ଅନ୍ୟମାନେ ପରିଚାଳିତ କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ଇସ୍କନ ମନ୍ଦିର ପରିସରରେ ନୂତନ ମନ୍ଦିରର ଭିତ୍ତିପ୍ରସ୍ତର ଶୁଭ ଦିଆଯାଇଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ : ୩ଗିରଫ

ତିହିଡ଼ି,୧୭।୬(ନିପ୍ର): ପୁଲିସକୁ ଧମକ ଚମକ ଦେବା ଅଭିଯୋଗରେ ତିହିଡ଼ି ପୁଲିସ ରଜ ପାଇଁ ଜୁଆ ଖେଳୁଥିବା ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଟଙ୍କା ଓ ଜୁଆ ସରଞ୍ଜାମ ଜବତ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ଥାନା ଅଧୀନ ହାଟୁଆରି ବିଲ ମଝିରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖିବା ପରେ ସେଠାରେ ଥିବା ଜୁଆଡ଼ିମାନେ ପୁଲିସକୁ ଗାଳିଗୁଳଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ କୌଶଳକ୍ରମେ ପୁଲିସ ୩ ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରିଛି। ସେମାନେ ହେଲେ ଗୋରାମାଟିର ବାବୁଲା ଜେନା, ବାସୁଦେବ ବେହେରା ଓ ମଧୁ ମଲିକ। ଘଟଣାସ୍ଥଳରୁ ପୁଲିସ ନଗଦ ୨୯ ହଜାର ଶହେ ଟଙ୍କା, ଜୁଆ ସରଞ୍ଜାମ ଇତ୍ୟାଦି ଜବତ କରିଛି। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା ରୁଜୁ କରାଯାଇଛି ଓ ସଂପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ କହିଛି।

## ବିଡି ହାଇସ୍କୁଲ୍ ୨୦୦୪ ବ୍ୟାଚ୍‌ର ବନ୍ଧୁମିଳନ



ଯାଜପୁର,୧୭/୬(ନିପ୍ର): ଯାଜପୁର ମୁନିସିପାଲିଟି ସ୍ଥିତ ବି.ଡ଼ି ହାଇସ୍କୁଲ୍ ୨୦୦୪ ମ୍ୟାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ ରୋଟାରୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତୀତର ସ୍ମୃତିକୁ ଛାତ୍ର ଛାତ୍ରୀମାନେ ସାଉଁଟି ଥିଲା ବେଳେ ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କୁ ନେଇ ସମ୍ପର୍କ ନିବିଡ଼ତା କରିଥିଲେ। ଏଥିରେ ୫୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା ବେଳେ ଦିବ୍ୟକାନ୍ତ କର, ପ୍ରଦୀପ ରାଉତ, ଅକ୍ଷୟ କୁମାର ସାହୁ, ନିଶିକା ରାଉତ, ଭଗବତ ବେହେରା, ସାଇରାମ ବେହେରା, କୁନାଲ ଦାସ, ବିକାଶ କୁମାର ବେହେରା, ନୀଳମଣୀ ପୃଷ୍ଟି, ଶୁଭଲକ୍ଷ୍ମୀ ସାହୁ, ଶୁଶ୍ମିତା ସେଠୀ, ଅଞ୍ଜୁନି ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

## ଦୁର୍ଘଟଣାରେ ୨ ମୃତ

ପିପିଲି,୧୭।୬(ନିପ୍ର): ଭୁବନେଶ୍ୱର ପୁରୀ ଜାତିୟ ରାଜପଥ ନଂ ୩୧୬ ସାତଶଂଖ ଫାଣ୍ଡି ନିକଟରେ ଦୁଇଜଣ ବାଇକିରେ ଯାଉଥିବା ବେଳେ ରାସ୍ତାରେ ଥିବା ବ୍ରିଜରେ ଧକ୍କା ହୋଇଥିଲେ । ଫଳରେ ଦୁଇଜଣ ଯାକ ବ୍ରିଜରେ ମାଡ ହୋଇ ରାସ୍ତା ଉପରେ ଛିଟିକି ପଡିଥିଲେ। ଘଟଣା ସ୍ଥଳେ ସ୍ଥାନିୟ ଲୋକମାନେ ଦୁଇଜଣଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ମେଡିକାଲ ପିପିଲି କୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଖବର ପାଇ ସାତଶଂଖ ଫାଣ୍ଡି ଅଧିକାରି ନାରାୟଣ ବେହେରା ପିପିଲି ମେଡିକାଲରେ ପହଂଚି ଶବ ଦୁଇଟିକୁ ଜବତ କରି ବ୍ୟବଛଦ ପାଇଁ ପୁରୀ ପଠାଇ ତଦନ୍ତ ଚଳାଉଛନ୍ତି। ମୃତକ ହେଲେ ମିର ଜାହିବ(୧୮) ଗୋରା ଖାଁ (୧୯) ଯାଜପୁର ପିପିଲି ଅଂଚଳ ବୋଲି ପୁଲିସ ଠାରୁ ସୁଚନା ମିଳିଛି।

### ରଜବତୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳିତ

# 'ସାଂସ୍କୃତିକ ପୁନଃପ୍ରତିଷ୍ଠାରେ ଚଉଁରୀ ଗାଁ ଏକ ଉଦାହରଣ'

**ତିହିଡ଼ି,୧୭।୬(ନିପ୍ର):** ରଜ ଆସିଛି, ହେଲେ ଆମ ପାରମ୍ପରିକ ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟ ଏହି ପର୍ବ ପାଳନରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ଆଜିର ଜୀବନଧାରା, ଲୋକବିଶ୍ୱାସ ଓ ଚଳଣିରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ରଜପର୍ବର ମଉଜ ହଜିଯାଉଥିବା ବେଳେ ଚଉଁରୀ ଗାଁରେ ଏହାର ପୁନଃପ୍ରତିଷ୍ଠା ପାଇଁ ପ୍ରୟାସ ଚାଲିଛି। ଆଜି ପହିଲି ରଜ ଅବସରରେ ଝୋଟି, ପୁଚି, ମେହେନ୍ଦି ପ୍ରତିଯୋଗିତା ସାଙ୍ଗକୁ ରଜଦୋଳିରେ ଝୁଲଣ, କବିତାପାଠ, କୁନିକୁନି ପିଲାଙ୍କ ଦ୍ୱାରା ରଜସଂସ୍କୃତି ଉପରେ ପାଲା ପରିବେଷଣ ଇତ୍ୟାଦି ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଚଉଁରୀ ବଡ଼ଦାଣ୍ଡକୁ ଉତ୍ସବମୁଖର କରିଥିଲା। ସମୂହ ଭାବେ ଛୁଙ୍କପଖାଳ, ଶାଗ, ବଡ଼ିଚୋରା ଓ ପୋଡ଼ପିଠାର ମଜା ନେଇଥିଲେ। ପଦ୍ମଲୋଚନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରଜଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସହୀଦ ଅଭିଯାତ୍ରୀ କମିଟିର ସଭାପତି ବିଶିଷ୍ଟ ସାମ୍ୟବାଦୀ ନେତା ତ୍ରୈଲୋଚନ ଜେନା ଯୋଗଦେଇ ଚଉଁରୀର ଗାଁର ଏ ସାଂସ୍କୃତିକ



ଜାଗରଣ ଅନନ୍ୟ ଉଦାହରଣ ସୃଷ୍ଟିକରିଛି ବୋଲି ମତ ଦେଇଥିଲେ। ଉଦ୍‌ଘାଟକ ଭାବେ ସ୍ଥାନୀୟ ସରପଞ୍ଚ କୀର୍ତ୍ତନଚନ୍ଦ୍ର ରାଉତ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଂଜନ ଦାସ ଯୋଗଦେଇ ବିଶ୍ୱବ୍ୟାପୀ ଗ୍ଲୋବାଲ୍ ଭିଲେଜରେ ସ୍ୱକୀୟ ମୌଳିକତା ରକ୍ଷା ପ୍ରତି ସଚେତନ ହେବା ଅଭିନନ୍ଦନୀୟ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିଭୂତିଭୂଷଣ ସେନାପତି, ଡା ଦୀନବନ୍ଧୁ ବେହେରା, ଦଧିଚି ସମ୍ମାନପ୍ରାପ୍ତ ସମାଜସେବୀ ସୁଧାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ ନିତ୍ୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ରତିକାନ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବର୍ଷିଆନ ସାହିତ୍ୟିକ ନୀଳମଣି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁକୁନ୍ଦପୁର ଦିବଂଗତ ପ୍ରତିଭା ୰ ରାମକୃଷ୍ଣଙ୍କ ପତି ଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱମୈତ୍ରୀ ନାୟକ ଓ ରବିକୁମାର ମହାନ୍ତିଙ୍କ ସଂଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ମଥୁରାମୋହନ ବେହେରା, କବିଶ୍ରୀ ଗୋଲକପ୍ରସାଦ ବୈୟାରୀ, ନିର୍ମଳ ଚନ୍ଦ୍ର ଦଳେଇ ନୀଳମାଧବ ସେନାପତି, ରଂଜୁଲତା ଗାହାଣ, ଗଣେଶ ପ୍ରସାଦ ନାୟକ, ପୀତାମ୍ବର ସେଠୀ ପ୍ରମୁଖ କବିତାପାଠ କରିଥିଲେ। ଚକ୍ରଧର ମହାନ୍ତି କବିତାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଅପରାହ୍ଣରେ କ୍ରୀଡ଼ା, କୁଇଜ୍ ଓ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନେ ରଜ ସଂଗୀତ ଗାନ କରି ଦୋଳିରେ ଝୋଲିଥିଲେ। ରଜ ପିଠା, ରଜ ପାନ, ଛୁଙ୍କ ପଖାଳ ଆଦି ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ଫଳାଫଳକୁ ନେଇ ସମୀକ୍ଷା ଦାସଙ୍କୁ 'ରଜକୁଇନ' ଭାବେ ମନୋନିତ କରାଯାଇଥିଲା। ଶିକ୍ଷକ ଦୀନରଂଜନ ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମରେ ସୁରେଶ କୁମାର ଦାସ, ମନ୍ମଥ ଦାସ, ସ୍ୱରାଜ କୁମାର ଦାସ, ମନୋରଂଜନ ମହାନ୍ତି ସହଯୋଗ କରିଥିଲେ। ରମେଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଗୁପୁରରେ ସ୍ୱାସ୍ଥ୍ୟସେବା ସଚେତନତା କାର୍ଯ୍ୟକ୍ରମ

ମୁଗୁପୁର,୧୭।୬(ନିପ୍ର): ମୁଗୁପୁର ସମାଚାର ତରଫରୁ ମୁଗୁପୁରଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଶେଷ ରଜ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଗୁପୁର ସମାଚାରର ମୁଖ୍ୟପରାମର୍ଶଦାତା ଜୟନାରାୟଣ ଜଗଦ୍ଦେବ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରସଙ୍ଗ ଥିଲା ଜଟିଳ ରୋଗର ସରଳ ଚିକିତ୍ସା ବିନାମୂଲ୍ୟରେ କିପରି ସରକାରୀ ହସ୍‌ପିଟାଲମାନଙ୍କରେ ହୋଇପାରିବ । ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଭିତରୁ ସ୍ୱାସ୍ଥ୍ୟ ଭିତିକ ଯୋଜନା ଅନ୍ୟତମ । ମାତ୍ର ଏହି ଯୋଜନା ବିଷୟରେ ଗ୍ରାମାଂଚଳରେ ରହୁଥିବା ବ୍ୟକ୍ତିବିଶେଷମାନେ ଜାଣିପାରୁନାହାନ୍ତି । ଫଳରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଦ୍ୱାରା ଏତେ ସବୁ ସୁବିଧା ସୁଯୋଗ ଯୋଗାଇଦେଉଥିବା ବେଳେ କାହିଁକି ଜଣେ ଗରିବ ବ୍ୟକ୍ତି ଅକାଳ ମୃତ୍ୟୁମୁଖରେ ପଡିବ ? ଏହା ଉପରେ



ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ ଘରୋଇ ହସ୍‌ପିଟାଲରେ କାର୍ଯ୍ୟରତ ଜଣାଶୁଣା ସ୍ୱାସ୍ଥ୍ୟକର୍ମୀ ତଥା ସମାଜସେବୀ ସୁରେନ୍ଦ୍ର କୁମାର ସାହୁ ଓ ମୁଗୁପୁର ସମାଚାରର ସଂପାଦକ ମଦନ ମୋହନ ପାଢୀ । ଅର୍ଥାଭାବରୁ କୌଣସି ଗରିବ ରୋଗୀ ଯେପରି ସରକାରଙ୍କ ଯୋଜନାରୁ ବଂଚିତ ନହେଉ ଏବଂ ସରକାରଙ୍କ ଦ୍ୱାରା କରାଯାଇଥିବା ସ୍ୱାସ୍ଥ୍ୟ ଯୋଜନାର ଫାଇଦା କିପରି ନିଆଯାଇପାରିବ ତାହା ଉପରେ ଟିକିନିକ୍ ବିବରଣୀ ପ୍ରଦାନ କରାଯାଇଥିଲା । ଏହି କ୍ରମରେ ମୁଗୁପୁର ସମାଚାରର ପରାମର୍ଶଦାତା ନୃସିଂହ ଚରଣ ପଣ୍ଡା ଓ କୈଳାସ ଚନ୍ଦ୍ର ସାହୁ ମୁଗୁପୁର ସମାଚାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଗୁପୁର ସମାଚାରର ସଦସ୍ୟ ବିଶ୍ୱଜିତ୍ ଦାସ, ସୁମନ୍ତ କୁମାର ଦାସ, ସଂଜୟ ପଣ୍ଡା, ସୁକାନ୍ତ ରାଉତ, ଅଭିମନ୍ୟୁ ବିଶ୍ୱାଳ, ବିନୋଦ ଦାସ, ଜନ୍ମେଜୟ ଓଝା, ଜନାର୍ଦ୍ଦନ ସାହୁ, ମହେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରଦିପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର,୧୭।୬(ନିପ୍ର): 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ଗ୍ରାମୀଣ ସାଂସ୍କୃତିକ କାର୍ଯ୍ୟକ୍ରମ ତା ୧୬.୦୬.୨୦୧୯ରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝୁମର ଆଲବମ ନାୟକ ତଥା କେନ୍ଦୁଝର ପୋଲିସ ସଂଘର ସଂପାଦକ ଶ୍ରୀଯୁକ୍ତ ପର୍ଶୁରାମ ମହାନ୍ତ ଯୋଗ ଦେଇଥିବା ବେଳେ ତମ୍ବାହରା ହାଇସ୍କୁଲ୍‌ର କ୍ରୀଡା ଶିକ୍ଷକ ଶ୍ରୀ ଲକ୍ଷ୍ମଣ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପର୍ଶୁରାମ ମହାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଦର୍ଶାଇବା ସହିତ ତୃଣମୂଳ ସ୍ତରରୁ କଳାକାର ଚିହ୍ନଟ କରିବାର ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ ଗାଁ ଗହଳିରେ ଲୁଚି ଯାଉଥିବା ବିଭିନ୍ନ ଲୋକକଳା ଓ ଲୋକନୃତ୍ୟକୁ ପୁର୍ନଉଦ୍ଧାର କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ଲକ୍ଷ୍ମଣ ମହାନ୍ତ କଳାକାର ମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ନେଉଥିବାରୁ ସାଧୁବାଦ୍ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗରବାହାଲି ଗ୍ରାମର ନମିତା ସାହୁ ଚଳିତ ବର୍ଷ ହାଇସ୍କୁଲ



ସାର୍ଟିଫିକେଟ ପରିକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏ ଅଂଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ "ସ୍ୱରୁପଶ୍ରୀ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ତମ୍ବାହରା ହାଇସ୍କୁଲରୁ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ଦିପ୍ତିମୟୀ ଦାଶଙ୍କୁ ଅନୁଷ୍ଠାନ ତରଫରୁ "ସ୍ୱରୁପ ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ସାନ୍ତାଳି, ଓଡିଶୀ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଷ୍ଟର ବିଜୟ କୁମାର ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଯାଜ୍ଞସେନୀ ମହାନ୍ତ, କାମିନୀ ମହାନ୍ତ, ଟୀକି ମୁଣ୍ଡା, କରିନା ମୁଣ୍ଡା ପ୍ରଭୃତି ଉନ୍ନତ ନୃତ୍ୟ ପରିବେଷଣ ପାଇଁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିବାବେଳେ ସଂପାଦିକା ଜ୍ୟୋତ୍ସ୍ନାରାଣୀ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସଭ୍ୟ ଶ୍ରୀ ରାମଚନ୍ଦ୍ର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ବିସ୍କର ମୁଣ୍ଡା, ମଦନ ମୋହନ ମହାନ୍ତ, ଶ୍ରୀଧର ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ଫିଂଟୁ ପାତ୍ର ଓ ସତ୍ୟବାନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ଡ. ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ସ୍ମୃତିସଭା

ଖୋର୍ଦ୍ଧା, ୧୭/୬(ନିପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷକ ନେତା, ସାହିତ୍ୟିକ, ଐତିହାସିକ ଏବଂ ଶିକ୍ଷାବିତ୍ ଡ. ଲକ୍ଷ୍ମୀ ନାରାୟଣ ରାୟସିଂହଙ୍କ ଏକାଦଶାହ ତିଥିରେ ଏକ ରାଜ୍ୟସ୍ତରୀୟ ସ୍ମୃତିସଭା ଖୋର୍ଦ୍ଧା ପି.ଏନ୍. କଲେଜ ମୈତ୍ରୀ ଭବନ ଠାରେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ଆତ୍ମାର ସଦଗତି କାମନା କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ପ୍ରାରମ୍ଭିକ ସୂଚନା ଦେବା ଅବସରରେ କହିଥିଲେ ଯେ ଡ. ରାୟସିଂହଙ୍କ ୮୬ ବର୍ଷ ଜୀବନ ପରିଧି ମଧ୍ୟରେ ତାଙ୍କ କାର୍ଯ୍ୟକଳାପ ଯେପରି ବିସ୍ତୃତ, ବିଶାଳ ତଥା ବ୍ୟାପକ ତା'ର ଅବତାରଣା କରିବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶୁଭେଚ୍ଛୁ, ଶିକ୍ଷକନେତା ତଥା କମ୍ୟୁନିଷ୍ଟ ନେତାମାନେ ଆସିଥିବାରୁ ସାଧୁବାଦ ଜଣାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ତାଙ୍କ ବକ୍ତବ୍ୟରେ ଡ. ରାୟସିଂହ ଏହି କଲେଜର ଛାତ୍ର, ପୁରାତନ ଛାତ୍ର ସଂଘର ପ୍ରଥମ



ସମ୍ପାଦକ, କଲେଜ ଗଠନରେ ପ୍ରାଣନାଥ ପଟ୍ଟନାୟକଙ୍କ ସହଯୋଗୀ ଓ ପ୍ରାକ୍ତନ ଅଧ୍ୟାପକ, ପ୍ରାଧ୍ୟାପକ ବୋଲି ଦର୍ଶାଇବା ସହିତ ତାଙ୍କର ଏକ ପ୍ରତିମୂର୍ତ୍ତୀ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ । ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ବିଶ୍ୱ ଶିକ୍ଷକ ସଂଘର ଉପ-ସଭାପତି ତଥା ପ୍ରାକ୍ତନ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି, କମ୍ୟୁନିଷ୍ଟ ଦଳର ରାଜ୍ୟ ସଂପାଦକ ଆଶୀଷ କାନୁନ୍‌ଗୋ, ମହାସଂଘର ଡ. ନିକୁଞ୍ଜ ମହାନ୍ତି ପ୍ରମୁଖ ମଂଚସୀନ ଥାଇ ଡ. ରାୟସିଂହଙ୍କ ସାଂଗଠନିକ ଦକ୍ଷତା, ସାହିତ୍ୟିକ ପ୍ରତିଭା ଓ ମାନବୀୟ ମୂଲ୍ୟବୋଧର ପରାକାଷ୍ଠା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିକ୍ଷକ ମହାସଂଘର ପ୍ରାକ୍ତନ ସମ୍ପାଦକ ଡ. ଦୁର୍ଯ୍ୟୋଧନ ପରିଡ଼ା, ଡ. ମନୀନ୍ଦ୍ର ସାମଲ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାଧ୍ୟାପକ ଡ. ଶରତ ଚନ୍ଦ୍ର ଦୋରା, ଜ୍ଞାନ ରଞ୍ଜନ ଦାଶ, କ୍ଷିତିନ୍ଦ୍ର ସାମଲ, ବିଚିତ୍ର କୁମାର ବଡ଼ଜେନା, ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ, ଗୋଦାବରୀଶ ପାଇକରାୟ, ମହେନ୍ଦ୍ର କୁମାର ପରିଡ଼ା, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ବୃନ୍ଦାବନ ପଣ୍ଡା, ପ୍ରଫେସର ଡ. ସଦାନନ୍ଦ ପତି, ଡ. ଜଗମୋହନ ପଟ୍ଟନାୟକ, ଆଦରମଣି ବରାଳ, ଭାଗିରଥି ରାଉତରାୟ, ତ୍ରିଲୋଚନ ମହାପାତ୍ର, ଅକ୍ଷୟ ମହାନ୍ତି, ରାମଶଙ୍କର, ସରୋଜ ସୁନ୍ଦର ପଟ୍ଟନାୟକ, ସମରେନ୍ଦ୍ର ବଳିଆରସିଂହ, ଜବାହରଲାଲ ସୁବୁଦ୍ଧି, ଜୟନ୍ତ କୁମାର ମହାନ୍ତି, ଅଶୋକ ସାହୁ, ବୈକୁଣ୍ଠ ମହାରଣା, ବାନାମ୍ବର ମହାରଣା, ଡ. ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବୈକୁଣ୍ଠନାଥ ରାଜଗୁରୁ ଓ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସମ୍ପାଦନାରେ "ଗଣ ବିପ୍ଳବର ତୂର୍ଯ୍ୟନାଦ ରାୟସିଂହ" ଶୀର୍ଷକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ରମେଶ ଚନ୍ଦ୍ର ପାଢ଼ୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ପାକ୍ଷିକ "ନୂଆ ଦୁନିଆ" ପତ୍ରିକା - ଲକ୍ଷ୍ମୀନାରାୟଣ ରାୟସିଂହ ବିଶେଷାଙ୍କ ପ୍ରକାଶ ପାଇ ତାହା ଲୋକାର୍ପିତ ହୋଇଥିଲା । ଡ. ଦୁର୍ଯ୍ୟୋଧନ ପରିଡ଼ାଙ୍କ ସମ୍ପାଦନାରେ ଡ. ରାୟସିଂହଙ୍କ ଜୀବନ ଚରିତ ପ୍ରକାଶ ପାଇଁ ସ୍ଥିର ହେଲା । ଶିକ୍ଷକନେତା ସୁରେଶ ଚନ୍ଦ୍ର ବିଶ୍ୱାଳ ଶେଷରେ ଧନ୍ୟବାଦ ଦେଇଥିଲେ। ସଭାଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁତ୍ର ସୁକାନ୍ତ କୁମାର ରାୟସିଂହ, ସଂଗ୍ରାମ କେଶରୀ ପାଇକରାୟ, କନ୍ୟା ଗୀତାଞ୍ଜଳି ଓ ଜାମାତା କ୍ଷିତିନ୍ଦ୍ର ସାମଲ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।




# ଜେଇଇ ଆଡଭାନ୍ସ ୨୦୧୯ରେ ଫିଟ୍‌ଜି ଭୁବନେଶ୍ୱର-କଟକ ବିଦ୍ୟାର୍ଥୀଙ୍କ ପ୍ରଦର୍ଶନ



ଭୁବନେଶ୍ୱର,୧୭।୬ (ନି.ପ୍ର) : ଫିଟ୍‌ଜି ଭୁବନେଶ୍ୱର ଏବଂ କଟକ ସେଣ୍ଟରର ଜେଇଇ ଆଡଭାନ୍ସ ବିଦ୍ୟାର୍ଥୀ ଚଳିତ ବର୍ଷ ଭଲ ପ୍ରଦର୍ଶନ କରିଛନ୍ତି । ଫିଟଜି ସେଣ୍ଟର ଓଡିଶାର ଚାରି ବର୍ଷୀୟ କ୍ଲାସରୁମ ପ୍ରୋଗାମ ମଧ୍ୟରେ ଅଲ୍ ଇଣ୍ଡିଆ ର୍‍ୟାଙ୍କରେ ସାୟାନ୍ତନ୍ ଧର ୫୧, ଶିବାସିଷ୍ ନାୟକ ୫୮, ପ୍ରତିକ ଚୌଧରୀ ୮୩ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ କୃତି ବିଦ୍ୟାର୍ଥୀଙ୍କ ମଧ୍ୟରେ ଚାରି ବର୍ଷୀୟ କ୍ଲାସରୁମ ପ୍ରୋଗାମ ମଧ୍ୟରେ କୈସ୍ତବ କୁମାର ପଟେଲ୍ ୮୦୩ ର୍‍ୟାଙ୍କ ଏବଂ ଦୁଇ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମ ମଧ୍ୟରେ ପୁସନ୍ ମହାପାତ୍ର ୫୯୬ ର୍‍ୟାଙ୍କ, ହର୍ସ କୁମାର ୬୬୦ ର୍‍ୟାଙ୍କ ଏହାବ୍ୟତିତ ରୋମିତ୍ ମହାନ୍ତି ପେନାକିଲ୍ ଦୁଇ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମରେ ୭୧୩ ର୍‍ୟାଙ୍କ ଅଧିକାର କରିଛନ୍ତି । ନିଜ ସଫଳତା ସମ୍ବନ୍ଧରେ ଶ୍ରେଷ୍ଠ ୧୦୦ଜଣଙ୍କ ମଧ୍ୟରେ ଥିବା ଛାତ୍ର ମାନେ କହିଛନ୍ତି ଯେ, "ଏହି ସଫଳତା ଆମେ ଆମର ପରିବାର ବର୍ଗ, ଶିକ୍ଷକ ଓ ଫିଟ୍‌ଜିରେ ପଢା ଯାଉଥିବା ଶୈଳି ଏବଂ ମାସିକା ପରୀକ୍ଷାକୁ ବହୁତ ଧନ୍ୟବାଦ ଜଣାଇବୁ। ଫିଟ୍‌ଜି ସେଣ୍ଟରରେ ଦଶମ ଶ୍ରେଣୀ ପରେ ଏନ୍‌ଟିଏସି, କେଭିପିୱାଇ, ଜେଇଇ ମେନ୍ ଓ ଜେଇଇ ଆଡଭାନ୍ସ ପରି ବହୁ ପରୀକ୍ଷାରେ ସଫଳତା ହାସଲ କରିବାକୁ ପ୍ରସ୍ତୁତ କରିଥିବାରୁ ଆମେ ବହୁତ କୃତଜ୍ଞ।" ଏହା ସମ୍ବନ୍ଧରେ ଭୁବନେଶ୍ୱର ଫିଟଜି ସେଣ୍ଟରର ମୁଖ୍ୟ ଶ୍ରୀଯୁକ୍ତ ରାଣାଜୟ ବର୍ଦ୍ଧନ ଓ ଫିଟଜି ଓଡିଶା ଅପରେସନର ପ୍ରତିନିଧି ଶ୍ରୀଯୁକ୍ତ ପି.କେ ଦାସ କହିଛନ୍ତି ଯେ, "ଫିଟଜିରେ ଆଗ୍ରହୀ ବିଦାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦ୍ୱାରା ଜେଇଇ ଭଲ ସ୍ଥାନ ଗ୍ରହଣ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଏ । ଫିଟଜି ମଧ୍ୟ ସର୍ବଦା ନିଜ ଛାତ୍ରଛାତ୍ରୀ ମାନ କଠିନ ପଥକୁ ଅତିକ୍ରମ ସରଳ କରିବା ଚେଷ୍ଟିତ ହୋଇଥାଏ । ଫିଟଜି ପକ୍ଷରୁ ସଫଳ ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କୁ ସେମାନଙ୍କ ପିରଶ୍ରମ ପାଇଁ ଅଭିନନ୍ଦନ ଜଣାଉଛୁ। ଫିଟଜିର ସଫଳତା ର୍‍ୟାଙ୍କ ଦ୍ୱାରା ମାପ ନଜାଇ ଏହାର ପ୍ରଶିକ୍ଷଣ ଦ୍ୱାରା ବ୍ୟକ୍ତ ହୋଇଥାଏ । ଆଇଆଇଟି-ଜେଇଇରେ ସଫଳ ବିଦ୍ୟାର୍ଥୀ ସୃଷ୍ଟି କରିପାରୁଥିବାରୁ ଫିଟଜି ଏହା ବିଶ୍ୱାସ କରିଥାଏ ଯେ ଯାତ୍ରା ହିଁ ପୁରସ୍କାର ।"

# ଏଫ୍‌ବିବିର ସବୁଠୁ ଆକର୍ଷଣୀୟ ଡିଲ 'ୱିକେଣ୍ଡସ୍ ଆର୍ ଟ୍ରାଏଡେଜ୍'




ଭୁବନେଶ୍ୱର,୧୭।୬ (ନି.ପ୍ର) : ଫ୍ୟୁଚର୍ ଗ୍ରୁପ୍‌ର ଲୋକପ୍ରିୟ ଫେସନ୍ ସ୍ଥଳୀ ଏଫ୍‌ବିବି ଆପଣଙ୍କ ପାଇଁ ଆଣିଦେଇଛି ଆକର୍ଷଣୀୟ ଅଫର "ୱିକେଣ୍ଡସ୍ ଆର୍ ଟ୍ରାଏଡେଜ୍' ଯାହା ଜୁନ୍ ୧୪, ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ସପ୍ତାହନ୍ତ ପର ଠାରୁ ପ୍ରତି ସପ୍ତାହନ୍ତରେ ଏଫ୍‌ବିବିରେ ଫେସନ୍ ସପିଙ୍ଗ ୱିକେଣ୍ଡ୍ ପାଳନ କରାଯିବ। ଏହି ଲୋକପ୍ରିୟ ଫେସନ ବ୍ରାଣ୍ଡ୍ ଏହାର ସଦ୍ୟତମ ଫେସନ ସମ୍ଭାରରୁ ଯେକୌଣସି ଗୋଟିଏକୁ ପ୍ରଚାର କରିବ ଏବଂ ଉତ୍ପାଦଗୁଡ଼ିକ ଉପରେ ସ୍ୱତନ୍ତ୍ର ୱିକେଣ୍ଡ୍ ଅଫର ଘୋଷଣା କରିବ।

ଫେସନପ୍ରେମୀମାନେ ନିକଟସ୍ଥ ଏଫ୍‌ବିବି ଷ୍ଟୋର୍‌ରୁ ସପିଙ୍ଗ କରିପାରିବେ ଏବଂ ପ୍ରତି ସପ୍ତାହନ୍ତରେ ପୁରୁଷ ଓ ମହିଳାଙ୍କ ସ୍ୱତନ୍ତ୍ର ପୋଷାକ କିଣାକିଣି ଉପରେ ୧୦୦ ଟଙ୍କାର ରିହାତି ପାଇପାରିବେ। "ୱିକେଣ୍ଡସ୍ ଆର୍ ଟ୍ରାଏଡେଜ୍' ଅଭିଯାନ ବିଭିନ୍ନ ବ୍ରାଣ୍ଡ୍ ଯଥା ଡିଜେଆଣ୍ଡସି, ଏଲସିଓ, ସ୍କୁଙ୍କ, ଚାମ୍ପିଆନ, ବୁଫାଲୋ ଓ ହେ ଭଳି ବ୍ରାଣ୍ଡ୍‌ର ପୁରୁଷ ଓ ମହିଳାଙ୍କ ଜଗର୍ସ ଉପରେ ସ୍ୱତନ୍ତ୍ର ଅଫର ସହ ଜୁନ୍ ୧୪, ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନ ବିଷୟରେ ରାଜେଶ ସେଠ୍, ସିଓଓ, ଏଫ୍‌ବିବି କହିଛନ୍ତି ଯେ, "ଏଫ୍‌ବିବିରେ ଆମେ ସବୁବେଳେ ଆମର ଗ୍ରାହକଙ୍କ ପାଇଁ ନୂଆ ଫେସନ୍ ଟ୍ରେଣ୍ଡ୍ ଓ ଅଫର ଉପସ୍ଥାପନ କରିବାକୁ ଚାହୁଁଛୁ। "ୱିକେଣ୍ଡସ୍ ଆର୍ ଟ୍ରାଏଡେଜ୍' ହେଉଛି ଏଭଳି ଅଭିଯାନ ତାହା ପ୍ରତି ସପ୍ତାହନ୍ତରେ ଆମ ଗ୍ରାହକଙ୍କ ପାଇଁ ଶ୍ରେଷ୍ଠ ମୂଲ୍ୟରେ ସଦ୍ୟତମ ଫେସନ ଆଣିଦେଇଛି।''

ଏହି ଅଭିଯାନରେ ପ୍ରତି ସପ୍ତାହନ୍ତରେ ଏଫବିବି ପକ୍ଷରୁ ବିଭିନ୍ନ ଅନ୍ୟ ବର୍ଗ ଯଥା ପୁରୁଷ ଓ ମହିଳାଙ୍କ ଜଗର୍ସ, ଲେଡିଜ୍ ଗ୍ରୀଷ୍ମ ପୋଷାକ ଓ ଜେଗିନ୍ସ ଉପରେ ଅଫର ପ୍ରଦାନ କରାଯିବ। ତେଣୁ, ଆସନ୍ତା ଏବଂ ଆପଣଙ୍କ ନିକଟସ୍ଥ ଏଫ୍‌ବିବି ଷ୍ଟୋର୍‌ରେ ସଦ୍ୟତମ ଫେସନ ସପିଙ୍ଗ କରନ୍ତୁ ଏବଂ ପ୍ରତି ସପ୍ତାହନ୍ତରେ ଆକର୍ଷଣୀୟ ଅଫର ପାଆନ୍ତୁ।

# ଚଳିତ ଆର୍ଥିକ ବର୍ଷରେ ଭାରତୀ ଏକ୍ସା ଜେନେରାଲ ଇନସ୍ୟୁରାନ୍ସର ରେକର୍ଡ଼ ସ୍ତରର ଲାଭ



ଭୁବନେଶ୍ୱର,୧୭।୬ (ନି.ପ୍ର) : ଭାରତୀ ଏକ୍ସା ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷର ମଧ୍ୟବର୍ତ୍ତିକାଳୀନ ଲାଭାଂଶକୁ ପଞ୍ଜିକୃତ କରିଛି। ଏହା ହେଉଛି ଉଦ୍ୟୋଗ ଅଭିବୃଦ୍ଧି ହାରର ୨୯ ପ୍ରତିଶତରୁ ଅଧିକ। କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ଗ୍ରସ ରିଟିନ୍ ପ୍ରମିୟମ (ଜିଡ଼ବ୍ଲୁପି)ରେ ରେକର୍ଡ଼ ସଂଖ୍ୟକ ୨୯ ପ୍ରତିଶତ ତଥା ୨,୨୮୫ କୋଟିରେ ପହଞ୍ଚିଥିବାବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ୧,୭୭୨ କୋଟି ରହିଥିଲା। ଉକ୍ତ ଅଭିବୃଦ୍ଧି ସମସ୍ତ ଉତ୍ପାଦ ବିଭାଗ ଏବଂ ସମସ୍ତ ବିପଣନ ଚ୍ୟାନେଲ ମାନଙ୍କରୁ ସଂଗୃହିତ ହୋଇଛି। ୧୨.୯ ପ୍ରତିଶତ ସହିତ ଏହା ସମସ୍ତ ଉଦ୍ୟୋଗ ଅଭିବୃଦ୍ଧି ତୁଳନାରେ ଏକ ବଳିଷ୍ଠ ପ୍ରଦର୍ଶନ ହୋଇଥିବାବେଳେ ମାର୍ଚ୍ଚ ୩୧, ୨୦୧୯ ଶେଷ ଆର୍ଥିକ ବର୍ଷରେ ଘରୋଇ କ୍ଷେତ୍ରରେ ଅଭିବୃଦ୍ଧି ୨୫ ପ୍ରତିଶତ ରହିଛି। ଉଦ୍ୟୋଗ ଅଭିବୃଦ୍ଧି କ୍ଷେତ୍ରରେ ଦୁଇଗୁଣରୁ ଅଧିକ ସୁଦୃଢ ଅଭିବୃଦ୍ଧି ସହିତ କମ୍ପାନୀକୁ ମାର୍ଚ୍ଚ ୩୧, ୨୦୧୯ ଶେଷ ଆର୍ଥିକ ବର୍ଷରେ ନେଟ ଲାଭ ୩ କୋଟି ରହିଛି, ଯାହାକି ୨୦୧୭-୧୮ ଆର୍ଥିକ ବର୍ଷରେ ୯୨.୬ କୋଟି ରହିଥିଲା। ଏହି ପରିପ୍ରେକ୍ଷୀରେ ଭାରତୀ ଏକ୍ସା ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀଯୁକ୍ତ ସଞ୍ଜିବ୍ ଶ୍ରୀନିବାସନ୍ କହିଛନ୍ତିଯେ, "ଆମ୍ଭେମାନେ ପ୍ରଥମଥର ସମ୍ପୂର୍ଣ୍ଣ ବର୍ଷରେ ଲାଭ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ଉଦ୍ୟୋଗ ଠାରୁ ମଧ୍ୟ ଦ୍ରୁତ ଗତିରେ ଅଭିବୃଦ୍ଧି କରିପାରିଛୁ। ବିପଣନ ନେଟୱାର୍କର ସମ୍ପ୍ରସାରଣ, ଷ୍ଟ୍ରାଟେଜିକ୍ ବିପଣନ ସହଯୋଗୀତା ମାନଙ୍କର ସଂଯୋଗ ଏବଂ ବ୍ୟବସାୟ ସନ୍ଧି ଏବଂ ଉତ୍ପାଦ ଲାଇନ ମାନଙ୍କ ପ୍ରକାରରେ ବୃଦ୍ଧି ପାଇଁ ଏହା କେବଳ ସମ୍ଭବ ହୋଇପାରିଛି । ଆମ୍ଭେମାନେ ଚ୍ୟାନେଲ ଏବଂ ବିଭାଗର ପ୍ରକାରଭେଦ, ଫଳାଫଳ ଏବଂ ଆଗାମୀ ବର୍ଷ ମାନଙ୍କରେ ବୃଦ୍ଧିକୁ ବଳବତ୍ତର ରଖିବା ପାଇଁ ପ୍ରୁଡ଼େଣ୍ଟ ଖର୍ଚ୍ଚ ପରିଚାଳନା ଉପରେ ଦୃଷ୍ଟିକେନ୍ଦ୍ରିତ କରିବୁ।"

# ଭୁବନେଶ୍ୱର ଯାତ୍ରୀଙ୍କ ପାଇଁ ଗୋଏୟାରର ସ୍ୱତନ୍ତ୍ର ଅଫର



ଭୁବନେଶ୍ୱର,୧୭।୬ (ନି.ପ୍ର) : ଦେଶର ଅଗ୍ରଣୀ ବିମାନ ଚଳାଚଳ କଂପାନି ଗୋଏୟାର ପକ୍ଷରୁ ମିନିକେସନ୍ ଘୋଷଣା କରାଯାଇଛି ଯେଉଁଥିରେ ଯାତ୍ରୀମାନଙ୍କୁ ୧୬୯୯ ଟଙ୍କା ଭଳି କମ୍ ମୂଲ୍ୟରେ ଟିକଟ ମିଳିବ। ଭୁବନେଶ୍ୱର ବାସିନ୍ଦାମାନେ ଏହି ମିନିକେସନ୍‌ରେ ଏତେ କମ୍ ମୂଲ୍ୟରେ ଗୋଏୟାର ଟିକଟ ବୁକିଙ୍ଗ କରିପାରିବେ। ଟିକଟ ବୁକିଙ୍ଗ ଅବଧି ହେଉଛି ଜୁନ୍ ୧୮-୨୩ ପର୍ଯ୍ୟନ୍ତ ଓ ସେହି ଟିକଟରେ ଯାତ୍ରା କରିବା ଅବଧି ହେଉଛି ଜୁଲାଇ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ। ଯାତ୍ରୀମାନେ ଗୋଏୟାର ୱେବସାଇଟ୍ ଙ୍ଗଙ୍ଗଙ୍ଗ.ଶକ୍ଷବସକ୍ଷ.ସଭ କିମ୍ବା ମୋବାଇଲ୍ ଆପ୍‌ରେ ଟିକଟ ବୁକିଙ୍ଗ କଲେ ପ୍ରୋମୋ କୋଡ୍ "ଗୋଏୟାର୧୦' ବ୍ୟବହାର କରି ୧୦%ର ରିହାତି ପାଇପାରିବେ। ମିନିକେସନ ହେଉଛି ସହରବାସୀଙ୍କ ପାଇଁ କ୍ଷୁଦ୍ର ଛୁଟିଦିନ ଭଳି। ବିଶେଷ କରି ଶେଷ ସପ୍ତାହର ଶେଷ ଦିନଗୁଡ଼ିକାର କିମ୍ବା ସପ୍ତାହ ମଝିରେ କୌଣସି ଦିନରେ କରାଯାଉଥିବା ଯାତ୍ରା। ଭୁବନେଶ୍ୱର ପାଇଁ ମିନିକେସନ୍ କୋଲକାତା କ୍ଷେତ୍ର ନିମନ୍ତେ ଉପଲବ୍ଧ ହେଉଛି। ଏହି ଅବସରରେ ଗୋଏୟାରର ପ୍ରବକ୍ତା କହିଛନ୍ତି ଯେ, "ଭାରତ ବଦଳୁଛି ଏବଂ ଲୋକମାନେ ଛୁଟିଦିନକୁ ଅଲଗା ଭାବେ ଦେଖୁଛନ୍ତି।ଆନ୍ତର୍ଜାତିକ ଗବେଷଣାରୁ ଜଣାପଡ଼ିଛି ଯେ ଛୋଟ ଅବସର ଗ୍ରହଣ କରି ନୂତନ ସ୍ଥାନକୁ ଭ୍ରମଣ କରୁଛନ୍ତି ଯାହା ପୂର୍ବରୁ କେବଳ ବର୍ଷକୁ ଥରେ ସମ୍ଭବ ହେଉଥିଲା। ଆଜିର ଦିନରେ ଲୋକମାନେ ଗୋଟିଏ ବର୍ଷରେ ଅନେକ ଥର ଭ୍ରମଣ କରୁଛନ୍ତି ଏବଂ ତାହା ପୁଣି ନିଜକୁ ସୁହାଇବା ଭଳି ବଜେଟ୍‌ରେ। ଗୋଏୟାର ଖୁସିର ସହିତ ମିନିକେସନ ଭଡ଼ାକୁ ଉପସ୍ଥାପନ କରୁଛି ଯାହା ଭୁବନେଶ୍ୱର ବାସିନ୍ଦାଙ୍କୁ ଗୋଏୟାରରେ ଯାତ୍ରା କରିବା ଏବଂ ଖୁସିର ସମୟକୁ ଉପଭୋଗ କରିବାରେ ସହାୟକ ହେବ।

ଗୋଏୟାର ଦେଶ ଭିତରେ ୨୪ଟି ସ୍ଥାନ ଯଥା ଅହମ୍ମଦାବାଦ, ବଗଡଗୋଡା, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗୋଆ, ଗୌହ୍ୱାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କୋଚି, କୋଲକାତା, କୁନୁର, ଲେହ, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟନା, ପୋର୍ଟବ୍ଲେୟାର, ପୁନେ, ରାଂଚି ଓ ଶ୍ରୀନଗର ଏବଂ ୪ଟି ଆନ୍ତର୍ଜାତିକ ସ୍ଥାନ ଯଥା ଫୁକେଟ, ମାଲେ, ମସକାଟ ଏବଂ ଆବୁଧାବିକୁ ବିମାନ ଯାତ୍ରା ସୁବିଧା ପ୍ରଦାନ କରୁଛି।

## ଜେଇଇ ଆଡ୍‌ଭାନ୍ସଡ୍‌ର ଶ୍ରେଷ୍ଠ ୧୦୦ମଧ୍ୟରେ ଆକାଶର ତିନିଛାତ୍ର

ଭୁବନେଶ୍ୱର,୧୭।୬ (ନି.ପ୍ର): ଆକାଶ ଇନଷ୍ଟିଚ୍ୟୁଟ୍‌ର ତିନି କ୍ଲାସ୍ ରୁମ୍ ଛାତ୍ର ସୟାନ୍ତନ ଧର, ଶିବାଶିଷ ନାୟକ ଓ ପ୍ରତୀକ ଚୌଧୁରୀ ଜେଇଇ ଆଡଭାନ୍ସଡ ୨୦୧୯ ପରୀକ୍ଷାରେ ଶ୍ରେଷ୍ଠ ୧୦୦ ମଧ୍ୟରେ ର୍‍ୟାଙ୍କ ହାସଲ କରିଛନ୍ତି। ସାୟନ୍ତନ ଧର ସର୍ବଭାରତୀୟ ର୍‍ୟାଙ୍କ ୫୧ ରଖିଥିବା ବେଳେ ଶିବାଶିଷ ନାୟକ ୫୮ତମ ର୍‍ୟାଙ୍କ ଏବଂ ପ୍ରତୀକ ଚୌଧୁରୀ ସର୍ବଭାରତୀୟ ୮୩ତମ ର୍‍ୟାଙ୍କହାସଲକରି ପରୀକ୍ଷାରେ ଉତ୍କର୍ଷ ହାସଲ କରିଛନ୍ତି। ତିନି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଆକାଶ ଚୌଧୁରୀ, ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ, ଆକାଶ ଏଡୁକେସ୍‌ନାଲ ସର୍ଭିସେସ୍ ଲିମିଟେଡ (ଏଇଏସ୍‌ଏଲ୍) କହିଛନ୍ତି ଯେ, "ଏହାହେଉଛି ଏକ ଗର୍ବର ବିଷୟ ଯେ ଭୁବନେଶ୍ୱରରୁ ଆମର ତିନି କ୍ଲାସ୍‌ରୁମ୍ ଛାତ୍ର ଜେଇଇ ଆଡଭାନ୍ସଡ ୨୦୧୯ ପରୀକ୍ଷାରେ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହାର ଶ୍ରେୟ ଆମ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଆମ ଇନଷ୍ଟ୍ରକ୍ଟରଙ୍କ ଦିନ ରାତି ପରିଶ୍ରମକୁ ଯାଉଛି। ଆମର ଗୁଣାତ୍ମକ ପରୀକ୍ଷା ପ୍ରସ୍ତୁତି ସାରା ଶିଳ୍ପର ପ୍ରସିଦ୍ଧ ଯାହା ମେଡିକାଲ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ କରିବା ପାଇଁ ପ୍ରସ୍ତୁତକରୁଛି। ମୁଁ ସମସ୍ତତିନିଛାତ୍ରଙ୍କୁସେମାନଙ୍କ ଭବିଷ୍ୟତ ପାଇଁ ଶୁଭକାମନା ପ୍ରଦାନ କରୁଛି। ଚଳିତ ବର୍ଷସାରା ଦେଶରୁ ୧.୭୩ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୬,୦୦୦ ଛାତ୍ରଛାତ୍ରୀ ଯୋଗ୍ୟତା ହାସଲକରିବା ନିଶ୍ଚିତ ରୂପେ ଉଲ୍ଲେଖନୀୟ ବିଷୟ ।

# ଟାଟା ସ୍କାଏ ପକ୍ଷରୁ ରୁମ୍ ଟିଭି ସର୍ଭିସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୧୭।୬ (ନି.ପ୍ର) : ଅଗ୍ରଣୀ ଡିଟିଏଚ୍ କମ୍ପାନି ଟାଟା ସ୍କାଏ ପକ୍ଷରୁ ରୁମ୍‌ଟିଭିସର୍ଭିସ୍ ନାମରେ ଏକ ନୁତନ ସେବାର ସୁଭାରମ୍ଭ କରିଛି ।ଯଉଁଥିରେ ଗୋଟେ କନେକସ୍‌ନରୁ ଏକାଧିକ ଟାଟାସ୍କାଏ କନେକ୍ସନ ନେଇଥିବା ଗ୍ରାହକ ମାନେ ନିଜ ମନ ପସନ୍ଦର ଚ୍ୟାନେଲ ବାଛିପାରିବେ ଏବଂ ଏହା ଖୁବ୍ ସହଜ ଓ ସୁବିଧା ମଧ୍ୟ ଏହି ନୁତନ ସେବା ଦ୍ୱାରା ପରିବାରର ପ୍ରତିଲୋକ ଯେକୌଣସି ନୁତନ ପ୍ୟାକ୍ ନେଇପାରିବେ ଏବଂ ତତ୍‌କ୍ଷଣାତ୍ ନିଜପସନ୍ଦ ଅନୁସାରେ ପ୍ୟାକ ମଧ୍ୟ ପରିବର୍ତନ କରିପାରିବେ। ଗ୍ରାହକ ମାନେ ଦ୍ୱିତୀୟକନେକ୍ସନ୍ ଦ୍ୱାରା କେବଳ ନିଜ ମନ ପସନ୍ଦର ବାଛିଥିବା ପ୍ୟାକ୍ ପାଇଁ ହିଁ ବିଲ୍ ପଇଠ କରିବେ।ହେଲେ ସବ୍ସ୍କ୍ରାଇବର ଆଇଡିସମାନ ରହିବ। ଟାଟାସ୍କାଏରୁମ୍‌ସର୍ଭିସ୍ ସୁବିଧା ଗ୍ରାହକମାନେ www.mytatasky.com କିମ୍ବା ଟାଟାସ୍କାଏ ମୋବାଇଲଆପ୍ ମାଧ୍ୟମରେ ପାଇପାରିବେ।

# ଗେନୱେଲ କମୋସେଲସ୍‌କୁ ଉନ୍ନତି ପାଇଁ ଏଲ୍‌ଇଇଡି ପ୍ଲାଟିନମ୍ ପୁରସ୍କାର

ଭୁବନେଶ୍ୱର,୧୭।୬ (ନି.ପ୍ର) : ଭାରତର ଉତ୍ତର ଓ ପୂର୍ବ, ନେପାଳ ଓ ଭୂଟାନ ପାଇଁ କ୍ୟାଟରପିଲାର ଇକ୍ୱିପ୍‌ମେଂଟ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଗେନ୍‌ୱେଲ୍ କମୋସେଲସ୍ ପ୍ରାଇଭେଟ୍ ଲିମିଟେଡ୍ (ଗେନୱେଲ)କୁ ଗ୍ରେଟର ନୋଏଡାରେ ଥିବା ଉତ୍କୃଷ୍ଟ ମାନର କାରଖାନା ଉନ୍ନତି ପାଇଁ ୟୁଏସ ଗ୍ରିନ୍ ବିଲଡିଂ କାଉନ୍‌ସିଲ୍ ତରଫରୁ ଏଲ୍‌ଇଇଡି (କିମ୍ବା ଲିଡରସିପ୍ ଇନ୍ ଏନର୍ଜି ଆଣ୍ଡ୍ ଏନର୍ଭାରମେଂଟ୍ ଡିଜାଇ) ପ୍ଲାଟିନମ୍ ମାନ୍ୟତା ହାସଲ କରିଛି। ଏହି ସ୍ୱୀକୃତି ସହିତ ଭାରତର ପ୍ରଥମ ଏଲଇଇଡି ଭି୪ ବିଡି+ସି: ଏନସି ପ୍ଲାଟିନମ ପ୍ରକଳ୍ପ ଓ ଏସିଆର ଦ୍ୱିତୀୟ ଭାବେ ନିରନ୍ତରତା ପାଇଁ ଗେନୱେଲର ଉଦ୍ୟମ ପ୍ରତି ଉନ୍ନତି ମାନଦଣ୍ଡ ହାସଲ କରିଛି। ଏଲଇଇଡି ଭି୪ ବିଡି+ସି: ଏନ୍‌ସିରେ ବିଶ୍ୱ ସ୍ତରରେ ୮୯ ପଏଂଟ ସ୍କୋର ସହ ଉନ୍ନତି ସର୍ବାଧିକ ପଏଂଟ୍ ହାସଲ କରିଛି। ୨୦୧୬ ଅଗଷ୍ଟରେ କ୍ୟାଟରପିଲାର ଆଇଏନ୍‌ସିର ବର୍ତମାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେମସ୍ ଡି ଉମ୍ଫ୍ଲେବାଏ ଏହି ପରିସରର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ୨୦୧୮ ଫେବୃଆରିରେ ଏହି କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟକୁ ସେହି ସମୟରେ କ୍ୟାଟରପିଲାରର ଶକ୍ତି ଓ ପରିବହନ ବ୍ୟବସାୟର ଗ୍ରୁପ୍ ସଭାପତି ଥୋମାସ୍ ଏ ପେଲେଟି ଉଦ୍‌ଘାଟନ କରିଥିଲେ।

# ଭିଭୋ ପକ୍ଷରୁ ଜେଡ୍-୧ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ପ୍ରଥମ ଜେଡ୍ ସିରିଜ୍ ସ୍ମାର୍ଟଫୋନ୍ ଜେଡ୍-୧ ପ୍ରୋର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫୋନ୍ ଯୁବବର୍ଗଙ୍କ ସେଲ୍‌ଫି ଅଭ୍ୟାସକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ଏହା ଅନ୍ ଲାଇନ୍‌ରେ ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେବ। ଏଥିରେ କ୍ୱାଲକମ୍ ସ୍ନାପ୍‌ଡ୍ରାଗନ୍ ୭ ସିରିଜ୍ ପ୍ରୋସେସର୍, ଦୀର୍ଘ ବ୍ୟାଟେରୀ ଲାଇଫ୍, ଟ୍ରିପୁଲ୍ ପଛ କ୍ୟାମେରା ଆଦି ବୈଶିଷ୍ଟ୍ୟ ରହିଛି। ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟ୍ରାଟେଜି ସିଇଓ ନିପୁନ ମାରୟା କହିଲେ, " ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ବୁଦ୍ଧିମନ୍ତ କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ସ୍ମାର୍ଟଫୋନ୍ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ବୁଦ୍ଧିମନ୍ତ କରାଇବ। ଏହି ଜେଡ୍ ସିରିଜ୍ ସ୍ମାର୍ଟଫୋନ୍ ଅନ୍ ଲାଇନ୍‌ରେ ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେବ।"

# ଏଚ୍‌ଡିଏଫ୍‌ସି ଇରଗୋ ପକ୍ଷରୁ ଖରିଫ୍ ଋତୁରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରଣୟନ

ଭୁବନେଶ୍ୱର,୧୭।୬ (ନି.ପ୍ର) : ଏଚ୍‌ଡିଏଫ୍‌ସି ଇରଗୋ ଭାରତର ତୃତୀୟ ବୃହତମ ଘରୋଇ ନନ୍-ଲାଇଫ୍ ବୀମା କମ୍ପାନୀ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ୍ ଋତୁରେ ଓଡ଼ିଶାରେ ପ୍ରଣୟନ ପାଇଁ ଯୋଜନା କରାଯାଇଛି। ଏହା ୨୦୧୯ରେ ଖରିଫ ଋତୁରେ ଦେଓଗଡ଼, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ଗଞ୍ଜାମ, କଳାହାଣ୍ଡି, ପୁରୀ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କୁ ଯୋଗାଇ ଦିଆଯିବ।

ଏହି ଯୋଜନା ଅନ୍ତର୍ଗତ ଦେଓଗଡ଼ ଜିଲ୍ଲାର ଚିନାବାଦାମ, ମକା, ଧାନ, ହରଡ଼ ଆଦିର ସମ୍ ଆସ୍ୟୁରଡ୍ ଯଥାକ୍ରମେ ୫୫୦୦୦ ଟଙ୍କା, ୪୦୦୦୦ଟଙ୍କା, ୬୫୦୦୦ ଟଙ୍କା ଏବଂ ୪୦୦୦୦ଟଙ୍କା ଥିବାବେଳେ ଏଥି ପାଇଁ ହେକ୍ଟର ପିଛା ପ୍ରିମିୟମ୍ ଯଥାକ୍ରମେ ୧୧୦୦ଟଙ୍କା, ୮୦୦ଟଙ୍କା, ୧୩୦୦ଟଙ୍କା ଏବଂ ୮୦୦ଟଙ୍କା ରହିଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ଧାନ ପାଇଁ ସମ୍ ଆସ୍ୟୁରଡ୍ ୫୭୫୦୦ଟଙ୍କା ରହିଛି। ଏହାର ହେକ୍ଟର ପିଛା ପ୍ରିମିୟମ୍ ୧୧୫୦ ଟଙ୍କା ରହିଛି। ମୟୂରଭଞ୍ଜ ଜିଲ୍ଲାର ମକା, ଧାନ, ହରଡ଼ ଆଦିର ସମ୍ ଆସ୍ୟୁରଡ୍ ଯଥାକ୍ରମେ ୬୪୫୦୦ ଟଙ୍କା, ୬୮୩୫୦ଟଙ୍କା ଏବଂ ୩୪୦୬୨.୫ଟଙ୍କା ଥିବାବେଳେ ଏଥିପାଇଁ ହେକ୍ଟର ପିଛା ପ୍ରିମିୟମ୍ ଯଥାକ୍ରମେ ୧୨୯୦ଟଙ୍କା, ୧୩୬୭ଟଙ୍କା ଏବଂ ୬୮୧.୨୫ଟଙ୍କା ରହିଛି। ନବରଙ୍ଗପୁର ଜିଲ୍ଲାର ଚିନାବାଦାମ୍, ମକା, ଧାନ, ମାଣ୍ଡିଆ, ହରଡ଼ ଆଦିର ସମ୍ ଆସ୍ୟୁରଡ୍ ଯଥାକ୍ରମେ ୫୮୭୫୦ ଟଙ୍କା, ୮୦୨୫୦ଟଙ୍କା, ୭୮୫୦୦ ଟଙ୍କା, ୧୬୦୦୦ଟଙ୍କା ଏବଂ ୨୫୫୦୦ଟଙ୍କା ଥିବାବେଳେ ଏଥି ପାଇଁ ହେକ୍ଟର ପିଛା ପ୍ରିମିୟମ୍ ଯଥାକ୍ରମେ ୧୧୭୫ଟଙ୍କା, ୧୬୦୫ଟଙ୍କା, ୧୫୭୦ଟଙ୍କା, ୩୨୦ଟଙ୍କା ଏବଂ ୫୧୦ଟଙ୍କା ରହିଛି। ଗଞ୍ଜାମ ଜିଲ୍ଲାର କପା, ଚିନାବାଦାମ୍, ମକା, ଧାନ, ମାଣ୍ଡିଆ, ହରଡ଼ ଆଦିର ସମ୍ ଆସ୍ୟୁରଡ୍ ଯଥାକ୍ରମେ ୭୫୦୦୦ ଟଙ୍କା, ୭୦୦୦୦ଟଙ୍କା, ୬୫୦୦୦ ଟଙ୍କା, ୬୫୦୦୦ଟଙ୍କା, ୩୫୦୦୦ ଏବଂ ୩୦୦୦୦ଟଙ୍କା ଥିବାବେଳେ ଏଥି ପାଇଁ ହେକ୍ଟର ପିଛା ପ୍ରିମିୟମ୍ ଯଥାକ୍ରମେ ୩୭୫୦ଟଙ୍କା, ୧୪୦୦ଟଙ୍କା, ୧୩୦୦ଟଙ୍କା, ୧୩୦୦ଟଙ୍କା, ୭୦୦ଟଙ୍କା ଏବଂ ୬୦୦ଟଙ୍କା ରହିଛି। କଳାହାଣ୍ଡି ଜିଲ୍ଲାର କପା, ଚିନାବାଦାମ୍, ମକା, ଧାନ, ମାଣ୍ଡିଆ, ହରଡ଼ ଆଦିର ସମ୍ ଆସ୍ୟୁରଡ୍ ଯଥାକ୍ରମେ ୫୨୭୫୦ ଟଙ୍କା, ୫୨୩୭୫ଟଙ୍କା, ୫୮୭୫୦ ଟଙ୍କା, ୭୭୧୫୦ଟଙ୍କା, ୧୪୦୦୦ଟଙ୍କା ଏବଂ ୩୧୫୦୦ଟଙ୍କା ଥିବାବେଳେ ଏଥିପାଇଁ ହେକ୍ଟର ପିଛା ପ୍ରିମିୟମ୍ ଯଥାକ୍ରମେ ୧୯୭୮.୧୨୫ଟଙ୍କା, ୧୦୪୭.୫ଟଙ୍କା, ୧୧୭୫ଟଙ୍କା, ୧୫୪୩ଟଙ୍କା, ୨୮୦ ଟଙ୍କା ଏବଂ ୬୩୦ଟଙ୍କା ରହିଛି। ପୁରୀ ଜିଲ୍ଲାର ଧାନ ପାଇଁ ସମ୍ ଆସ୍ୟୁରଡ୍ ୬୯୭୫୦ଟଙ୍କା ଥିବାବେଳେ ଏଥି ପାଇଁ ହେକ୍ଟର ପିଛା ପ୍ରିମିୟମ୍୧୩୯୫ ଟଙ୍କା ରହିଛି।

ସେହିପରି ସୁବର୍ଣ୍ଣପୁର ଜିଲ୍ଲାର କପା, ଧାନ ପାଇଁ ସମ୍ ଆସ୍ୟୁରଡ୍ ଯଥାକ୍ରମେ ୭୫୦୦୦ଟଙ୍କା ଏବଂ ୭୦୦୦୦ଟଙ୍କା ଥିବାବେଳେ ଏଥି ପାଇଁ ହେକ୍ଟରପିଛା ପ୍ରିମିୟମ୍ ଯଥାକ୍ରମେ ୧୫୦୦ଟଙ୍କା ଏବଂ ୧୪୦୦ଟଙ୍କା ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ମରୁଡ଼ି, ବନ୍ୟା, ଶୁଖା, ଭୂସ୍ଖଳନ, ବାତ୍ୟା, ଘୂର୍ଣ୍ଣିଝଡ଼, କୁଆପଥର ମାଡ଼, ଜଳପ୍ଲାବନ, ରୋଗ, ପୋକ ଆଦିରୁ ଚାଷୀଙ୍କ ଫସଲ ନଷ୍ଟ କ୍ଷେତ୍ରରେ ଲାଗୁ ହୋଇଥାଏ। ସେହିପରି ଫସଲ ଅମଳ କମ୍ କ୍ଷେତ୍ରରେ ଆବଶ୍ୟକ ସୂଚନା ଆଧାରରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଧାନ କରାଯାଇଥାଏ। ଫସଲ ବୀମା ଓଡ଼ିଶା ସରକାରଙ୍କ କୃଷି ବିଭାଗ ଦ୍ୱାରା ଅନୁମୋଦିତ। ସମ୍ପୃକ୍ତ ଜିଲ୍ଲାର ଚାଷୀ ବ୍ୟାଙ୍କ ତଥା କମନ୍ ସର୍ଭିସ୍ ସେଂଟର ଏହି ବୀମା କରାଇପାରିବେ। ଏହା କୃଷି ବିଭାଗ ୱେବ ସାଇଟ୍‌ରେ ଉପଲବ୍ଧ ହେଉଛି। ଫସଲବୀମା କଭରର ଅନ୍ତିମ ତାରିଖ ୨୦୧୯ ଜୁଲାଇ ୩୧ ତାରିଖ ରହିଛି।

## ଟେକ୍ନୋ ପକ୍ଷରୁ କ୍ୟାମନ୍-ଆଇ-୪ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୭।୬ (ନି.ପ୍ର) : ଅଗ୍ରଣୀ ପ୍ରିମିୟମ୍ ସ୍ମାର୍ଟଫୋନ୍ ନିର୍ମାତା ଟେକ୍ନୋ ମୋବାଇଲ୍ ପକ୍ଷରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରାନ୍ସସିଅନ୍ ଇଣ୍ଡିଆର କ୍ୟାମନ୍-ଆଇ ସିରିଜ୍ ସ୍ମାର୍ଟଫୋନ୍ ବର୍ଗରେ କ୍ୟାମନ୍-ଆଇ-୪ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ମୂଲ୍ୟ ୮୯୯୯ଟଙ୍କା ରହିଛି। ଏଥିରେ ୩ଟି ଏଆଇ ପାୱାର ପଛ କ୍ୟାମେରା, ଦୀର୍ଘ ବ୍ୟାଟେରୀ ଲାଇଫ୍, ୬.୨ ଇଂଚ ଏଚଡି ପ୍ଲସ୍ ଡଟ୍ ନଟ୍ ସ୍କ୍ରିନ୍, ରକେଟ ଚାର୍ଜ ଫିଚର, ଲାଟେଷ୍ଟ ଆଣ୍ଡ୍ରଏଡ୍ ପାଇ ଆଦି ବୈଶିଷ୍ଟ୍ୟ ରହିଛି। ଯେ କୌଣସି ଆଲୋକରେ ଏଥିରେ ଫଟୋ ଉଠାଯାଇପାରିବ।ଏଥିରେ ଥିବା ପଛ କ୍ୟାମେରା ଗୁଡ଼ିକ ଯଥାକ୍ରମେ ୧୩ ଏମ୍‌ପି , ୮ଏମ୍‌ପି ଏବଂ ୨ ଏମ୍‌ପି ବିଶିଷ୍ଟ। ସେହିପରି ଏଥିରେ ୧୬ଏମ୍‌ପି ସେଲଫି କ୍ୟାମେରା ରହିଛି। ଏଥିରେ ସ୍ମାଟର ହିଓସ୍ ୪.୬ ସଫ୍ଟୱେର ରହିଛି। ଏହାର ରକେଟ ଚାର୍ଜ ଫିଚର ଦ୍ୱାରା ମାତ୍ର ୧୦ ମିନିଟ୍ ଚାର୍ଜରେ ୨ ଘଂଟାର କଲ୍ କରିହେବ। ଏଥିରେ ୨,୫ ଡି ଗ୍ଲାସ. ୩୫୦୦ଏମ୍‌ଏଏଚ୍ ବ୍ୟାଟେରୀ, ୮୮.୬ ବଡି ଟୁ ସ୍କ୍ରିନ୍ ଅନୁପାତ, ୧୯:୫:୯ ଆସପେକ୍ଟ ଅନୁପାତ ଆଦି ବୈଶିଷ୍ଟ୍ୟ ରହିଛି। ଏହା ମିଡ୍ ନାଇଟ୍ ବ୍ଲାକ୍, ଆକ୍ୱା ବ୍ଲୁ, ନେବୁଲା ବ୍ଲାକ୍ ଏବଂ କ୍ୟାମ୍ପେନ୍ ଗୋଲ୍ଡ ରଙ୍ଗରେ ଉପଲବ୍ଧ ହେଉଛି। ଏହା ଯଥାକ୍ରମେ ୨ଜିବି ଏବଂ ୩୨ ଜିବି, ୩ଜିବି ଏବଂ ୩୨ଜିବି ତଥା ୪ଜିବି ଏବଂ ୬୪ଜିବି ଆଦି ୩ଟି ଭ୍ୟାରିଆଂଟ୍‌ରେ ଉପଲବ୍ଧ ହେଉଛି। ଏହାର ମୂଲ୍ୟ ଯଥାକ୍ରମେ ୮୯୯୯ ଟଙ୍କା, ୧୦୫୯୯ ଟଙ୍କା ଏବଂ ୧୧୯୯୯ ଟଙ୍କା ରହିଛି। ଏହା ଦେଶର ୩୦,୦୦୦ ରିଟେଲ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି। ଟେକ୍ନୋ ପକ୍ଷରୁ ଏହାର ସମସ୍ତ ସ୍ମାର୍ଟଫୋନ୍ ଉପରେ ପ୍ରାରମ୍ଭିକ ଅଫର '୧୧୧' ଉପଲବ୍ଧ ହୋଇଥାଏ। ଏହା ଅନ୍ତର୍ଗତ ୧୦୦ଦିନ ମଧ୍ୟରେ ରିପ୍ଲେସ୍ ୱାରେଂଟି ତଥା ଗୋଟିଏ ଥର୍ ସ୍କ୍ରିନ୍ ରିପ୍ଲେସମେଂଟ୍ ସୁବିଧା ତଥା ଏକ ମାସର ବର୍ଦ୍ଧିତ ୱାରେଂଟି ପ୍ରଦାନ କରାଯାଇଥାଏ।







## ମାନିଲାରେ ଏସୀୟ ମହିଳା ରଗ୍‌ବି ଚାମ୍ପିଅନସିପ୍

# ୨୬ଜଣିଆ ଭାରତୀୟ ଦଳରେ ୭ ଓଡ଼ିଆ ଖେଳାଳି



ଭୁବନେଶ୍ୱର, ୧୭।୬ (ନି.ପ୍ର.): ଚଳିତ ମାସ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଫିଲିପାଇନ୍ସର ମାନିଲାଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସୀୟ ମହିଳା ରଗ୍‌ବି ଚାମ୍ପିଅନ୍‌ସିପ୍ ନିମନ୍ତେ ୨୬ଜଣିଆ ଭାରତୀୟ ମହିଳା ରଗ୍‌ବି ଦଳ ପ୍ରତିନିଧିତ୍ୱ କରିବେ । ଦଳରେ ଓଡ଼ିଶାରୁ ୭ଜଣ ସ୍ଥାନ ପାଇଛନ୍ତି । ମୁମ୍ବାଇ ଓ ଲୁଧିଆନାରେ ଦୁଇଟି ଡିଭିଜନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ମନୋନୟନ କ୍ରମେ ଚଳିତ ମାସ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ଜାତୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଏହି ୨୬ଜଣିଆ ଦଳକୁ ଚୟନ କରାଯାଇଛି । ରଗ୍‌ବି ଇଣ୍ଡିଆ ସମେତ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ତଥା କିଟ୍ ସହଯୋଗ କ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ୨୦୨୧ରେ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ମହିଳା ରଗ୍‌ବି ୱାର୍ଲଡ କପ୍‌ରେ ମାନିଲା ଚାମ୍ପିଅନ୍‌ସିପ୍ ଏକ କ୍ୱାଲିଫାୟର ହେବ ।

### କ୍ରୀଡା ସଚିବଙ୍କ ଶୁଭକାମନା



ମାନିଲା ଚାମ୍ପିଅନ୍‌ସିପରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇ କ୍ରୀଡା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ବିଶାଳ କୁମାର ଦେବ ସେମାନଙ୍କ ସଫଳତା କାମନା କରିଛନ୍ତି । ଏହି ଦଳରେ ଓଡ଼ିଶାର ୭ଜଣ ଖେଳାଳୀ ହୁପି ମାଝୀ, ଲକ୍ଷ୍ମୀପ୍ରିୟା ସାହୁ, ମୀନାରାଣୀ ହେମ୍ବ୍ରମ, ଶୁଭଲକ୍ଷ୍ମୀ ବାରିକ, ସୁମିତ୍ରା ବାରିକ, ପାର୍ବତୀ କିସ୍‌କୁ ଓ ରଜନୀ ଶବର ମନୋନୀତ ହୋଇଥିବାରୁ ଶ୍ରୀ ଦେବ ଏହା ରାଜ୍ୟ ପାଇଁ ଗୌରବ ବୋଲି ପ୍ରକାଶ କରିବା ସହିତ ରଗ୍‌ବି ନିମନ୍ତେ ଭିତ୍ତିଭୂମି, ତାଲିମ୍ ଓ ମାର୍ଗଦର୍ଶନ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ । ମାନିଲାରେ ଭାରତୀୟ ଦଳ କୃତିତ୍ୱ ହାସଲ କରିବା ସହତ ଓଡ଼ିଶାର ଖେଳାଳୀମାନେ ଆମ ପାଇଁ ଗୌରବ ଆଣିବେ ବୋଲି ଶ୍ରୀ ଦେବ ଆଶା ପ୍ରକଟ କରିଛନ୍ତି ।




*ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ*

## ସୁକିନ୍ଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ, ୧୯୯୮ ବ୍ୟାଚ ଚାମ୍ପିଅନ




ସୁକିନ୍ଦା,୧୭।୬ (ନି.ପ୍ର) : ସୁକିନ୍ଦା ତହସିଲ ଅଧିନ ସୁକିନ୍ଦା ଗଡସ୍ଥିତ ମିନି ଷ୍ଟାଡିୟମଠାରେ ମେ ୨୭ ତାରିଖରୁ ଆରମ୍ଭ ହୋଇ ଆସୁଥିବା ସୁକିନ୍ଦା ପ୍ରିମିୟର ଲିଗ୍ (ସିନିୟର) ରବିବାର ସମାପ୍ତ ହୋଇଅଛି। ଚଳିତ ବର୍ଷକୁ ମିଶାଇ ୧୯୯୮ ୱାରିୟର ୨ଥର ପାଇଁ ସିନିୟର ବ୍ୟାଚ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଅଛି । ସେହିପରି ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ୧୯୯୮ ବ୍ୟାଚଠାରୁ ପରାସ୍ତ ହୋଇ ୧ମଥର ପାଇଁ ୧୯୯୦-୯୧ ବ୍ୟାଚ ସୁକିନ୍ଦା ପ୍ରିମିୟର ଲିଘ (ସିନିୟର)ର ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଅଛି ।

## ଏଫ୍‌ଆଇଏଚ ସିରିଜ୍ ଫାଇନାଲ୍ସ

# କଳିଙ୍ଗରେ ଭାରତର ଜିତାପଟ

ଭୁବନେଶ୍ୱର,୧୭।୬(ନି.ପ୍ର) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ ସିରିଜ୍ ଫାଇନାଲ୍ସରେ ଦକ୍ଷିଣ ଆଫ୍ରିକାକୁ ୫-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ସେମିଫାଇନାଲରେ ଭାରତ ଅଲମ୍ପିକ କ୍ୱାଲିଫାୟର୍ସ ଲାଗି ଜାପାନକୁ ହରାଇ ଯୋଗ୍ୟତା ହାସଲ କରିସାରିଥିଲା । ଷ୍ଟାଡିୟମରେ ଖଚାଖଚ ଦର୍ଶକଙ୍କୁ ନିରାଶ ନକରି ଭାରତୀୟ ଖେଳାଳିମାନେ ପ୍ରଥମ କ୍ୱାର୍ଟର ଆରମ୍ଭ ହେବା ମାତ୍ରେ ଦକ୍ଷିଣ ଆଫ୍ରିକା ଉପରେ ଜୋରଦାର ଆକ୍ରମଣ କରି ୨ଟି ଗୋଲ ଦେଇ ଦର୍ଶକଙ୍କ ମନ ମୋହିନେଇଥିଲେ । ଦ୍ୱିତୀୟ କ୍ୱାର୍ଟରେ ହରମନପ୍ରୀତ ସିଂ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ତଥା ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ଏହି ଅଗ୍ରଣୀ ଜାରି ରଖିବାରେ ସମର୍ଥ ହୋଇଥିଲେ । ତୃତୀୟ କ୍ୱାର୍ଟରର ୫ ମିନିଟ୍ ଅର୍ଥାତ୍ ମ୍ୟାଚର ୩୫ତମ ମିନିଟ୍‌ରେ ବିବେକ ସାଗର ପ୍ରସାଦ ଫିଲ୍ଡ ଗୋଲ ଦେଇ ଭାରତକୁ ୪-୦ ଗୋଲରେ ଅଗ୍ରଣୀ କରାଇଥିଲେ । ତେବେ ୪୯ତମ ମିନିଟ୍‌ରେ ଭାରତକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା । ବରୁଣ କୁମାର ଏହାର ଫାଇଦା ଉଠାଇ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ତଥା ଦଳ ତରଫରୁ ପଞ୍ଚମ ଗୋଲ ସ୍କୋର କରିଥିଲେ । ତେବେ



ମ୍ୟାଚର ୫୩ତମ ମିନିଟ୍‌ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ରିଚାର୍ଡ ପାଉଜ ଏକମାତ୍ର ଗୋଲ ସ୍କୋର କରିଥିଲେ । ଡବଲ ଗୋଲ ସ୍କୋର କରିଥିବା ହରମନପ୍ରୀତ ସିଂହ ମ୍ୟାନ ଅଫ୍ ଦି ଫାଇନାଲ ଭାବେ ୨୫ ହଜାର ଟଙ୍କା ପୁରସ୍କାର ପାଇଥିବା ବେଳେ ଭାରତୀୟ ଟିମ୍ ଫେୟାର ପ୍ଲେ ଆୱାର୍ଡ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ଗୋଲ ସ୍କୋର ଆୱାର୍ଡ ହାସଲ କରିଥିଲା । ସେହିପରି ଫ୍ୟାନ୍ସ ଚଏସ ଶ୍ରେଷ୍ଠ ଖେଳାଳି ଭାବେ ଆକାଶଦୀପ ସିଂହ ୫୦ ହଜାର ଟଙ୍କା ପୁରସ୍କାର ଆକାରରେ ପାଇଥିଲେ । ଅନ୍ୟପକ୍ଷରେ ବେଷ୍ଟ ଗୋଲ ସେଲିବ୍ରେସନ ଆୱାର୍ଡ ମେକ୍ସକୋକୁ ମିଳିଥିବା ବେଳେ ଶ୍ରେଷ୍ଠ ଗୋଲକିପର ଭାବେ ଆମେରିକାର ଜୋନାଥନ କ୍ଲୁଗେସ ପୁରସ୍କୃତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ଟପ ସ୍କୋରର ଭାବେ ଭାରତର ବରୁଣ କୁମାର, ହରମନପ୍ରୀତ ଓ ରୁଷିଆର ସିମେନ ମାଟକୋଭସ୍କି ପୁରସ୍କୃତ ହୋଇଥିଲେ । ଶ୍ରେଷ୍ଠ ଜୁନିୟର ଖେଳାଳି ଭାବେ ବିବେକ ସାଗର ପ୍ରସାଦ ପୁରସ୍କାର ହାସଲ କରିଥିଲେ । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଭାରତର ଅଧିନାୟକ ମନପ୍ରୀତ ସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ୧ ଲକ୍ଷ ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଏଫଆଇଏଚ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ରାଜ୍ୟ କ୍ରୀଡା ମନ୍ତ୍ରୀ ତରୁଣକାନ୍ତି ବେହେରା, କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।



*ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ସମ୍ବଲପୁର ବୁର୍ଲାସ୍ଥିତ ମହାନଦୀ କୋଲଫିଲ୍ଡସ କାର୍ଯ୍ୟାଳୟ ପରିସରରେ ଯୋଗ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ମୁନୱାର*



*ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ଅନୁଗୋଳ ପକ୍ଷରୁ ରଜ ପର୍ବ*

## ଶ୍ରୀବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା

ଭୁବନେଶ୍ୱର, ୧୭/୬ (ନି.ପ୍ର.): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସୋମବାର ଶ୍ରୀବାଣୀକ୍ଷେତ୍ରସ୍ଥିତ କିଟ୍ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରାତ୍ର ୨ଘଟିକାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ପ୍ରାତଃ ୪ଟାରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳୀ ନୀତି ସମ୍ପର୍ଣ୍ଣ ହେବାପରେ ଶ୍ରୀଜୀଉମାନଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡିବିଜେ କରାଯାଇଥିଲା। ।



ଏହାପରେ ସ୍ନାନ ମଣ୍ଡପରେ ଶ୍ରୀଜୀଉମାନଙ୍କ ମଙ୍ଗଳା ଆଳତୀ, ମଇଲମ ଓ ଅବକାଶ ନୀତି କରାଯାଇଥିଲା। ସକାଳ ୫ଟାରୁ ୭ଟା ମଧ୍ୟରେ ଶ୍ରୀଜୀଉଙ୍କୁ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପରେ କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛେରାପହଁରା କରିବା ପରେ ଶ୍ରୀଜୀଉମାନଙ୍କୁ ହାତୀ ବେଶରେ ସଜ୍ଜୀତ କରାଯାଇଥିଲା। ଶ୍ରୀଜୀଉଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ପାଇଁ ଶ୍ରୀବାଣୀକ୍ଷେତ୍ରରେ ଆଖପାଖ ଅଞ୍ଚଳର ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉଙ୍କ ସକାଳ ଧୂପ ସମ୍ପର୍ଣ୍ଣ ହୋଇଥିଲା। ହଜାର ହଜାର ଭକ୍ତ ରାତି ୮ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ହାତୀ ବେଶ ଦର୍ଶନ କରିଥିବାବେଳେ ସ୍ନାନ ମଣ୍ଡପରେ ପୁଷ୍ପାଞ୍ଜଳୀ ଓ ଡ଼ୋରଲାଗି ନୀତି ସମ୍ପର୍ଣ୍ଣ ହେବାପରେ ରାତି ୮.୩୦ରେ ଶ୍ରୀଜୀଉଙ୍କ ବାହୁଡ଼ା ପହଣ୍ଡି ନୀତି ସମ୍ପର୍ଣ୍ଣ ହୋଇଥିଲା। ସୂଚନା ଯୋଗ୍ୟକି ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରୀତିନୀତି ଅନୁଯାୟୀ ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ।

## ନାଲ୍‌କୋର ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦଙ୍କୁ ଗ୍ଲୋବାଲ୍ ଇଣ୍ଡିଆନ୍ ବିଜ୍‌ନେସ୍ ଲିଡର୍ ସମ୍ମାନ

ଭୁବନେଶ୍ୱର, ୧୭।୬ (ନି.ପ୍ର) : ନିକଟରେ ପ୍ରକାଶିତ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଉଲ୍ଲେଖନୀୟ ସଫଳତା ଏବଂ ବିଗତ ୪ ବର୍ଷରେ କମ୍ପାନୀର ବ୍ୟବସାୟିକ ଉତ୍କର୍ଷ ଅନେକ ପ୍ରଶଂସା ଲାଭ କରିଥିବା ବେଳେ ଏହାର ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦଙ୍କୁ ତାଙ୍କର ଉଲ୍ଲେଖନୀୟ ବୃତ୍ତିଗତ ସଫଳତା ଏଂବ ସାମାଜିକ ଅବଦାନ ପାଇଁ 'ଗ୍ଲୋବାଲ୍ ଇଣ୍ଡିଆନ୍ ବିଜ୍‌ନେସ୍ ଲିଡର୍' ସମ୍ମାନ ମିଳିଛି। ଡଃ ଚାନ୍ଦଙ୍କ ତରଫରୁ ନାଲ୍‌କୋର ଉପମହାପ୍ରବନ୍ଧକ (ନିଗମ ସଂଚାର) ଶ୍ରୀ ଆଶୁତୋଷ ରଥ ଏହି ପୁରସ୍କାର ଗ୍ରହଣ କରିଥିଲେ।



ଇଣ୍ଡିଆନ୍ ଆଚିଭର୍ସ୍ ଫୋରମ୍ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଏଥି ପୂର୍ବରୁ, ଭାରତର ଅନ୍ୟତମ ଅଗ୍ରଣୀ ଇକ୍ୱିଟୀ ଇନ୍‌ଭେଷ୍ଟ୍‌ମେଣ୍ଟ୍ ପତ୍ରିକା ଦଲାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ପକ୍ଷରୁ ନାଲ୍‌କୋକୁ ଗତ ୫ ବର୍ଷ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ଉଚ୍ଚ ଅଗ୍ରଗତି ହାସଲ ପାଇଁ ଶ୍ରେଷ୍ଠ ନବରତ୍ନ ଉଦ୍ୟୋଗ ଭାବେ ମାନ୍ୟତା ପ୍ରଦାନ କରିବା ସହ କମ୍ପାନୀକୁ ଅଭିବୃଦ୍ଧି ପଥରେ ଆଗେଇ ନେବା ତଥା ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ୍ ଓ ଆଲୁମିନା ଉତ୍ପାଦନକାରୀ ଭାବେ ମାନ୍ୟତା ହାସଲ କରିବା ଦିଗରେ ଅବଦାନ ପାଇଁ ଡଃ ଚାନ୍ଦଙ୍କୁ ରୋଲ୍ ଅଫ୍ ଅନର୍ ପ୍ରଦାନ କରାଯାଇଛି।

ଜୁଲାଇ ୨୦୧୫ରୁ ନାଲ୍‌କୋର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ଠାରୁ କମ୍ପାନୀ ଉତ୍ପାଦନ, ଉତ୍ପାଦକତା ଏବଂ ଲାଭ ଆଦି କ୍ଷେତ୍ରରେ ବିଗତ ୪ ବର୍ଷରେ ନିରନ୍ତର ଭାବେ ଉତ୍କର୍ଷତା ହାସଲ କରିବା ସହ ୨୦୧୮-୧୯ରେ ୧୭୩୨ କୋଟି ଟଙ୍କା ଲାଭ କରିଛି ଯାହାକି ବିଗତ ୧୦ ବର୍ଷ ମଧ୍ୟରେ ସର୍ବାଧିକ।

୨୦୧୮-୧୯ ଆର୍ଥିକ ବର୍ଷରେ ନାଲ୍‌କୋ ସବୁ କ୍ଷେତ୍ରରେ ସଫଳତା ହାସଲ କରିବା ସହ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ହାସଲ କରିଛି। ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ ଉଡ୍ ମାକେନ୍‌ଜି ରିପୋର୍ଟ୍ ଅନୁସାରେ ନାଲ୍‌କୋ ବିଗତ ୩ ବର୍ଷ ଧରି ବିଶ୍ୱରେ ସବୁଠାରୁ କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ଭାବେ ମାନ୍ୟତା ହାସଲ କରିଛି। ଏଥି ସହିତ, ୨୦୧୮-୧୯ରେ ବିଶ୍ୱରେ ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ୍ ଉତ୍ପାଦନକାରୀର ମାନ୍ୟତା ମଧ୍ୟ ନାଲ୍‌କୋ ହାସଲ କରିଛି। ଆର୍ଥିକ ଲାଭ କ୍ଷେତ୍ରରେ ଘରୋଇ ଆଲୁମିନିୟମ୍ ଉତ୍ପାଦନକାରୀଙ୍କ ତୁଳନାରେ ଆଗୁଆ ରହି ନାଲ୍‌କୋ ୨୮ ପ୍ରତିଶତ ଇବିଆଇଡିଟିଏ ମାର୍ଜିନ୍ ହାସଲ କରିଛି। ୨୦୧୬ରୁ ପ୍ରଣୀତ କମ୍ପାନୀର ନୂତନ ବ୍ୟବସାୟିକ ମଡେଲ୍ ହେତୁ ନାଲ୍‌କୋକୁ ଏହି ସଫଳତା ମିଳିଛି ବୋଲି ଉଦ୍ୟୋଗ ବିଶେଷଜ୍ଞଙ୍କ ମତ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra

ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**